


ଓଡ଼ିଶା ଶ୍ରମଜୀବୀ ମଞ୍ଚ ଦ୍ୱାରା ପ୍ରସ୍ତୁତ ଦ୍ୱିମାସିକ ପତ୍ରିକା (ଘରୋଇ ପ୍ରସାରଣ ନିମନ୍ତେ)

Odisha Shramajeebee Mancha

ଭାଗ - ୩, ସଂଖ୍ୟା - ୧
ପ୍ରକାଶକ - ଓଡ଼ିଶା ଶ୍ରମଜୀବୀ ମଞ୍ଚ,
ପ୍ଲଟ୍ ନଂ- HIG-୨୩୮, ପ୍ରଥମ ମହଲା
କଳିଙ୍ଗ ବିହାର (K-5),
ଭୁବନେଶ୍ୱର- ୭୫୧୦୧୯
Email- rokthok.osm@gmail.com

**ସମ୍ପାଦକ ମଣ୍ଡଳୀ:**
ପଞ୍ଚାନନ ପ୍ରଧାନ, ଅଞ୍ଜନ ପ୍ରଧାନ
ବୈକୁଣ୍ଠ ସିଂ, ବଟକୃଷ୍ଣ ସାହୁ
କୁନାକାନ୍ତ ବେହେରା

## ଭିତର ପୃଷ୍ଠାରେ


- ଜଳ ପ୍ରକୃତିର ନୁହେଁ ପୁଞ୍ଜିପତିର ।
- ସତନ୍ତ୍ର ''ଓଡ଼ିଶା ଖାଦ୍ୟ ନିରାପତ୍ତା'' ହିଁ ଆମ ରାଜ୍ୟରେ ଭୟଙ୍କର ପୁଷ୍ଟିହିନତା ମୁକାବିଲାର ବିକଳ୍ପ ।
- ଝୁରୁଛି ଝୁରିଆ ।
- ଆଇନ୍‌ର ଜଞ୍ଜିରରେ ଆଦିବାସୀ ।
- ସଙ୍ଗଠନର ପ୍ରଭାବରେ ଦୂର ହେଲା ପିଇବା ପାଣିର ସମସ୍ୟା ।
- ପୋଡାପଥର ଗ୍ରାମବାସୀ ଗାଁକୁ ଆଣିଲେ ପାନୀୟ ଜଳ ।
- ଲୋକଙ୍କ କାମ କରିବାକୁ ବୟସ ମୋତେ ଡରାଇ ପାରିବନି... ।
- ଆଦର୍ଶ ଗ୍ରାମ ପଞ୍ଚାୟତ ସରଡ଼ା ।
- ପାଣି ଆଉ ଆମର ନୁହେଁ ।
- ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ।
- ସଫଳତାର ପଥେ ପୀତାଗୁଡ଼ା ପଞ୍ଚାୟତ କମିଟି ।
- ଓଡ଼ିଶା ଶ୍ରମଜୀବି ମଞ୍ଚ ସମ୍ପର୍କରେ


**ସହଯୋଗ ରାଶି ଟ ୧୦.୦୦ ମାତ୍ର**

ସମ୍ପାଦକୀୟ......

ଗଣତନ୍ତ୍ର ଶାସନ ପଦ୍ଧତି ପୃଥିବୀର ସର୍ବଶ୍ରେଷ୍ଠ ଶାସନ ପଦ୍ଧତି ଭାବେ ସୁଖ୍ୟାତି ପାଇଛି । ଗଣତନ୍ତ୍ରରେ ଲୋକମାନେହିଁ ସର୍ବଶକ୍ତିମାନ । ସେଥିପାଇଁ କୁହାଯାଇଛି ଗଣତନ୍ତ୍ର ଲୋକଙ୍କ ଦ୍ୱାରା , ଲୋକଙ୍କ ପାଇଁ ଏବଂ ଲୋକମାନଙ୍କର ଶାସନ । କିନ୍ତୁ ବାସ୍ତବରେ ଏହା ଦୃଶ୍ୟମାନ ହୁଏ ନାହିଁ । ଗଣତନ୍ତ୍ର ଶାସନରୁ ରାମ ରାଜ୍ୟ ନହେଲେ ବି ଗଣରାଜ୍ୟ ବା ଲୋକଙ୍କ ରାଜ୍ୟ ଆଶା କରିବା ତ ଭୁଲ ହେବନି । ଏହା ସମ୍ଭବ ନ ହେବା କାରଣରୁ ଅନେକ ସାଙ୍ଘାତିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ସାଧାରଣ ଗରିବ ଏବଂ ଦୁର୍ବଳ ମଣିଷ ସମାଜକୁ । ଏମାନେ ଜୀବନ ତମାମ ଶୋଷକ ଗୋଷ୍ଠୀର ଶୋଷଣରେ ଶିକାର ହେବାକୁ ବାଧ୍ୟ ହେଉଛନ୍ତି ।

ଶାସନ ଯଦି ଲୋକଙ୍କ ଦ୍ୱାରା ହୋଇଥାନ୍ତା ତେବେ ଗୁମୁଡୁମାହାରେ ନିରିହ ଆଦିବାସୀଙ୍କୁ ଅକାରଣରେ ନିଜର ମୂଲ୍ୟବାନ ଜୀବନ ବଳି ଦେବାକୁ ପଡିନଥାନ୍ତା । ଶାସନ ଯଦି ଲୋକଙ୍କ ପାଇଁ ତେବେ ରାଜ୍ୟରେ ଶିଶୁ ମୃତ୍ୟୁହାରଭଳି ସଙ୍ଗିନ ଘଟଣାମାନ ଘଟୁ ନଥାନ୍ତା । ମାତୃ ମୃତ୍ୟ ତାଲିକାରେ ସର୍ବାଗ୍ରେ ରହିବାର ଲଜ୍ଜା ଆମକୁ ଭୋଗିବାକୁ ପଡୁ ନଥାନ୍ତା । ନଗଡା ଭଳି ଗାଁ ଏବଂ କୋଟି କୋଟି ଅଭାବୀ ମଣିଷଙ୍କୁ ଦେଖିବାକୁ ପଡୁ ନଥାନ୍ତା । ପଡି କାର୍ଡ ପାଇଁ ଏତେ ଦ୍ୱନ୍ଦ ଓ ଜେଲ ଜୋରିମାନାର ଆବଶ୍ୟକତା ନ ଥାଆନ୍ତା । ଯୋଗ୍ୟ ଅଯୋଗ୍ୟର ବିତର୍କ ହେଉ ନଥାନ୍ତା । ଆଉ ସରକାର ବା ଶାସନ ଯଦି ଲୋକଙ୍କର ତେବେ ଚିଟ ଫଣ୍ଡ ନାମରେ କୋଟି କୋଟି ଗରିବ ମଣିଷଙ୍କର ହଜାର ହଜାର କୋଟି ଟଙ୍କା ଲୁଟ ହୋଇ ନ ଥାନ୍ତା । ଅତଏବ ସରକାର-ଶାସନ ଓ ଲୋକଙ୍କ ମଝିରେ ବହୁତ ବଡ ଏକ ପ୍ରାଚୀର ଛିଡା ହୋଇଛି । ଭୋଟ ଦେଇ ନିଜ ହାତରେ ଗଢ଼ିଥିବା ସରକାର ନିଜର ହୋଇପାରୁନି । ଭୋଟ ଦିଆ ମେସିନ ଭଳି ଅଯୋଗ୍ୟ ତାଲିକାଭୁକ୍ତ କରାଯାଉଛି ଏହି ମଣିଷ ମାନଙ୍କୁ ।

ଏ ଅଯୋଗ୍ୟ ମଣିଷମାନେ ଏକାଠି ହେବାର ବେଳ ବିଳମ୍ବ ହୋଇଛି କିନ୍ତୁ ସମୟ ହାତ ଛଡା ହୋଇନି । ଛୋଟ ବଡ ସବୁ ସମସ୍ୟାର ସମାଧାନ ରାସ୍ତା ନିଜେ ନିର୍ମାଣ କରିବାକୁ ହେବ । ସାମୂହିକ ବିକାଶ ପାଇଁ ଗାଁରୁ ରାଜ୍ୟ ଏବଂ ରାଜ୍ୟରୁ ଦେଶ ସ୍ତରରେ ସଙ୍ଗଠିତ ହେବାକୁ ପଡିବ । ତାହେଲେ ଯୋଜନା ବାଟବଣା ହେବନି । ପିଇବା ପାଣି ଟିକେ ପାଇଁ ଟଣା ଓଟରା ଲାଗିବନି । ମହାନଦୀରେ ମହା ବିପତି ଛିଡା ହେବନି । ଜମିକୁ ପାଣି , ମାଅକୁ ସମ୍ମାନ, ଗାଁକୁ କାମ ମିଳିବ । ନିଜ ଶକ୍ତି ଉପରେ ବିଶ୍ୱାସ ଦୃଢ଼ିଭୁତ ହେବ । ବିପଦଆପଦରେ ଜଣେ ସମସ୍ତଙ୍କ ପାଇଁ ଏବଂ ସମସ୍ତେ ଜଣଙ୍କ ପାଇଁ ଛିଡା ହେବେ । ସାହାଯ୍ୟ କରିବେ । ଅସହାୟତା ଦୂର ହେବ । ଶାସନ ଲୋକଙ୍କ ଦ୍ୱାରା , ଲୋକଙ୍କ ପାଇଁ ଏବଂ ଲୋକଙ୍କର ହେବ । ଯୋମିତି ଛତାଟିଏ ବର୍ଷା ଅଟକାଇ ପାରି ନଥାଏ, ହେଲେ ବର୍ଷାରେ ଛିଡା ହେବାର ସାହସ ତ ଦେଇଥାଏ ସାହାର ହୋଇଥାଏ । ସେମିତି ସଙ୍ଗଠନ ସଫଳତାର ସ୍ୱାଦଦେଇଥାଏ ନତୁବା ଅତିକ୍ରମରେ ମୁକାବିଲା କରିବାର ସାହସ ଯୋଗାଇ ଦେଇଥାଏ । ତେଣୁ ଆସନ୍ତୁ ହାତରେ ହାତ ମିଳାଇ ଦେବା । ଜାତି ଧର୍ମ ଭେଦଭାବ ଭୁଲି ସମସ୍ତେ ଏକାଠି ହେବା । ଓଡିଶା ଶ୍ରମଜୀବୀ ମଞ୍ଚକୁ ଆଗକୁ ନେବା ।

ସମ୍ପାଦକ

# ଜଳ ପ୍ରକୃତିର ନୁହେଁ ପୁଞ୍ଜିପତିର

ଅରୁଣ ପ୍ରସାଦ ଦିହୁଡ଼ି

ଜଳ ହିଁ ଜୀବନ, ଏ କଥା ଆମେ ସମସ୍ତେ ଜାଣିଛେ । କିନ୍ତୁ ଜଳ ହିଁ ମରଣ ଏକଥା ଏବେ ପ୍ରମାଣିତ ହୋଇ ସାରିଲାଣି । ପ୍ରତିଦିନ ବିଭିନ୍ନ ଖବର କାଗଜ ପୃଷ୍ଠା ଲେଉଟାଇଲେ କିମ୍ବା ଟେଲିଭିଜନ ପରଦାରେ ଦେଖିଲେ ଜଣେ ସହଜରେ ଜାଣିପାରିବ ଯେ, ଜଣ୍ଡିସ, ହଇଜା ଆଦି ମହାମାରିରେ ପ୍ରତିଦିନ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି । ଏହି ମୃତ୍ୟୁ ପାଇଁ ନିରାପଦପାନୀୟ ଜଳର ଘୋର ଅଭାବ ହିଁ ଦାୟୀ । ଆଉ ଏକଥା ମଧ୍ୟ ଆମେ ଜାଣିଛେ ଯେ, ନିରାପଦପାଣି କେବଳ ବର୍ଷା ଜଳରୁହିଁ ମିଳିପାରିବ । ଏହି ବର୍ଷାଜଳ ସମ୍ପୂର୍ଣ୍ଣରୂପେ ମୁକ୍ତ ଭାବେ ଆକାଶରୁ ପଡୁଛି, ଏବଂ ଏଥିପାଇଁ କିଛି ପଇସା ଦେବାକୁ ପଡେ ନାହିଁ ।



ଏକ ଆକଳନରୁ ଜଣା ଯାଇଛିଯେ, ଓଡିଶାରେ ପ୍ରାୟ ୫୫୦୦୦ରୁ ଉର୍ଦ୍ଧ୍ୱ ଗ୍ରାମ ନିରାପଦ ପିଇବା ପାଣି ପାଇବାରୁ ବଞ୍ଚିତ । ସାଧାରଣ ମନୁଷ୍ୟ ଗୁଣାତ୍ମକ ଭାବେ ଜୀବନ ଯାପନ ପାଇଁ ଖାଦ୍ୟ, ପାନୀୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ ଜୀବିକା ପାଇଁ କୃଷିକର୍ମ ଇତ୍ୟାଦି ପାଣି ଅଭାବରୁ ବଞ୍ଚିତ । ସାମଗ୍ରିକଭାବେ ଏସବୁ ସୁବିଧା ଗୁଡିକ କଣ ଜଣେ ନାଗରିକର ମୌଳିକ ଅଧିକାର ନୁହେଁକି ? ଏହା ଆମ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଧାରା ୨୧କୁ ଉଲଙ୍ଘନ କରୁନାହିଁକି ? ଯଦିଓ ଆମ ସମ୍ବିଧାନର ମୌଳିକ ଧାରାରେ କୌଣସି ଜାଗାରେ ସିଧାସଳଖ ଭାବେ ଉଲ୍ଲେଖ କରାଯାଇନାହିଁ ଯେ, ନିରାପଦ ପାନୀୟ ଜଳ ଏକ ମାନବିକ ଅଧିକାର କିମ୍ବା ଦେଶ ସାଧୀନ ହେବାର ୭୦ ବର୍ଷ ପରେ ମଧ୍ୟ ପ୍ରତି ବର୍ଷ ଶହ ଶହ ଲୋକ ନିରାପଦପାନୀୟ ଜଳ ଅଭାବ ଜନିତ ମୃତ୍ୟୁ ମୁଖରେ ପଡୁଥିଲେ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆଜି ପର୍ଯ୍ୟନ୍ତ ଗୋଟିଏ ସ୍ୱତନ୍ତ୍ର ଆଇନ ତିଆରି କଲେ ନାହିଁ ।

ଆମେ ପାଠ ବହିରେ ପଢିଛେଯେ, ପାଣି ସମସ୍ତ ପ୍ରାଣୀ ଜଗତ ପାଇଁ ପ୍ରକୃତିର ସୃଷ୍ଟି ଏବଂ ଏହା ମୁକ୍ତଭାବେ ସମସ୍ତଙ୍କୁ ଯିଏ ଯେତେବେଳେ ଚାହିଁବ ମିଳିପାରିବ । କିନ୍ତୁ ଏବେ ୨୦୧୬ ମସିହାକୁ ଅନୁଧ୍ୟାନ କଲେ ପ୍ରାଞ୍ଜଳ ଭାବେ ଏହା ଜଣାଯାଏଯେ, ପାଣି ଆଉ ସହଜରେ ମିଳିପାରିବ ନାହିଁ । ନିରାପଦ ପାଣିତ ବହୁତ ଦୁରରେ । ପାଣିକୁ ସମ୍ପୂର୍ଣ୍ଣରୂପେ ବଜାରୀକରଣ କରିଦିଆଯାଇଛି । ଅର୍ଥାତ ନିରାପଦଜଳ ବା ବିଶୁଦ୍ଧ ପାନୀୟ ଜଳ ଯାହା ପ୍ରକୃତି ଦ୍ୱାରା ସାରା ଜୀବ ଜଗତ ପାଇଁ ସୃଷ୍ଟି ହୋଇଥିଲା ତାହା ଏବେ ଆଉ ବିନା ପଇସାରେ ମିଳିବ ନାହିଁ ।

ଜାତୀୟ ଜଳ ନୀତି ୨୦୧୨ ଅନୁସାରେ ଜୀବନ, ଜିବୀକା, ଖାଦ୍ୟ ସୁରକ୍ଷା ଓ ଚିରସ୍ଥାୟୀ ଉନ୍ନତିରେ ଜଳ ଏକ ମୌଳିକ ଉପାଦାନ । ପାନୀୟ ଓ ପରିମଳ ପାଇଁ ନିରାପଦ ପାଣିକୁ ଏକ ଅପରିହାର୍ଯ୍ୟ ଓ ମୌଳିକ ଘରୋଇ ଆବଶ୍ୟକତା ଭାବେ ବିଚାର କରିବା ଉଚିତ୍ ଏବଂ ଏହାକୁ ଅଗ୍ରାଧିକାର ଭିତିରେ ଘରୋଇ ବ୍ୟବହାରରେ ବିନିଯୋଗ ପାଇଁ ଏପରିକି ଗୃହ ପାଳିତ ପଶୁମାନଙ୍କ ପାଇଁ ମଧ୍ୟ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉଚିତ୍ ଯାହାକି ଖାଦ୍ୟ ସୁରକ୍ଷାର ସଫଳତା, ଚିରସ୍ଥାୟୀ କୃଷିକୁ ସହାୟତା ଓ ସର୍ବନିମ୍ନ ପରିବେଶ ସନ୍ତୁଳନର ଆବଶ୍ୟକତା ଅଟେ । ଉପରୋକ୍ତ ଆବଶ୍ୟକତାକୁ ପୁରଣ କରିବା ପରେ ବଳକା ପାଣିକୁ ସଂରକ୍ଷଣ କରିବା ସହ ସମୁଚିତ ସୁପରିଚାଳନା କରିବା ଉଚିତ୍ ।

ସାଧାରଣତଃ ଜଣେ ମଣିଷର ଖାଦ୍ୟ, ପାନୀୟ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ପାଇଁ ଦୈନିକ ୧୨୦ ରୁ ୧୫୦ ଲିଟର ପାଣି ଆବଶ୍ୟକ ହୋଇଥିବା ବେଳେ ଗାଈ ଛେଳି ଆଦିଙ୍କ ପାଇଁ ୩୦ ଲିଟରରୁ ୩୫ ଲିଟର ପାଣି ଆବଶ୍ୟକ ହୋଇଥାଏ । ଏହି ପାଣି ପାଇଁ ଗ୍ରାମବାସୀମାନେ ପୋଖରୀ, ଖୋଲା କୁଅ, ନଳକୁଅ, ଝରଣା ଏବଂ ନଦୀ ମାନଙ୍କରେ ନିର୍ଭର କରିଥାନ୍ତି । କିନ୍ତୁ ଏହି ଜଳ ସ୍ରୋତ ଗୁଡିକ ଏତେ ମାତ୍ରାରେ ପ୍ରଦୁଷିତ ହୋଇଯାଇଛିଯେ, ଏହା ସମ୍ପୂର୍ଣ୍ଣ ପାନୀୟ ଯୋଗ୍ୟ ହୋଇ ଆଉ ରହିନାହିଁ । ଘରୁ ବାହାରୁଥିବା ମଇଳା ବା ବର୍ଜ୍ୟବସ୍ତୁ, ଚାଷରୁ ବାହାରୁଥିବା ସାର ଓ କୀଟ ନାଶକ ମିଶ୍ରିତ ପାଣି, ବିଭିନ୍ନ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ରାସାୟନିକ ମଇଳା ଆଦି ପାଣିକୁ ଦୂଷିତ କରିସାରିଲାଣି । ଫଳରେ ଜଳ ପ୍ରଦୁଷଣ ଜନୀତ ରୋଗ ଯଥା- ଜଣ୍ଡିସ, ହଇଜା ଆଦିରେ ଆକ୍ରାନ୍ତ ହୋଇ ବହୁତ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି । ଏହାର ଫାଇଦା ନେଇ ବୋତଲ ପାଣି ଓ ପାଉଛ ପାଣି ଆଦି ବଜାରରେ କାୟା ବିସ୍ତାର କରିଛି । ଏପରିକି ଅପହଞ୍ଚ ଇଲାକାରେ ମଧ୍ୟ ଏହା ମିଳିପାରୁଛି । ଜଳ ଏକ ପ୍ରକୃତିକ ସମ୍ପଦହୋଇଥିବାରୁ ଏହାର ମାଲିକାନା ପ୍ରକୃତରେ କାହା ପାଖରେ ରହିବା ଉଚିତ ତାହା ଏବେ ଆଲୋଚନାର ବିଷୟ ହୋଇ ସମସ୍ତଙ୍କ ପାଖରେ ଛିଡା ହୋଇଛି । ସାଧାରଣ ନାଗରିକ ଜଳ ସମ୍ପଦର ମାଲିକ ନୁହନ୍ତି । ଅର୍ଥାତ୍ ଏହା ସରକାରଙ୍କର ବା ସରକାରୀ ବିଧି ବ୍ୟବସ୍ଥା ଭିତରେ ରହିଛି । ଏକଥାକୁ ଜଳର ବଜାରୀକରଣରେ ସାମିଲ ହୋଇଥିବା ବ୍ୟକ୍ତି ବିଶେଷମାନେ ଖୁବ ଯୋରରେ ପ୍ରଚାର ପ୍ରସାର କରୁଛନ୍ତି । ମୋଟାମୋଟିଭାବେ କହିବାକୁ ଗଲେ ଭୂଜଳ ଜଳ ସ୍ତରର

ଗୁଣବତା ଓ ପରିମାଣ ହ୍ରାସ ପାଇବାରେ ଲାଗିଛି । ଫଳରେ ଆମ୍ଭେମାନେ ବିକାଶର ଦିଗ ଆଡକୁ ଯେତିକି ଅଗ୍ରସର ହେଉଛେ, ଜଳର ପରିମାଣ ହ୍ରାସ ହେବା ଓ ପଦୂଷଣ ବଢିବା ଦିଗକୁ ସେତିକି ସେତିକି ପାଖେଇ ଆସୁଛେ । ଏଣୁ ଏବେଠାରୁ ଭୂଜଳର ସୁରକ୍ଷା, ସଂରକ୍ଷଣ ଓ ବ୍ୟବହାରରେ ଶୃଙ୍ଖଳା ରଖିବା ସହ ସଂସ୍କାର ନ ଆଣିଲେ ଶେଷକୁ ନେଡି ଗୁଡ କହୁଣିକୁ ବୋହିବା ସାର ହେବ ।

ଏବେ ଦେଖିବା ଜଳ ଉପରେ ଆମର ଅଧିକାର । ବିଶେଷ କରି ନିରାପଦ ପାନୀୟ ଜଳ । ମିଳିତ ଜାତିସଂଘରେ ପାଣି ଏକ ଅଧିକାର ହୋଇ ରହିଥିଲେ ମଧ୍ୟ ଆମ ଭାରତୀୟ ସମ୍ବିଧାନରେ ପାଣିକୁ ଏକ ଅଧିକାର ବା ମାନବିକ ଅଧିକାର ଭାବେ ଉଲ୍ଲେଖ କରାଯାଇ ନାହିଁ । ଜଳ ବିନା ଜୀବନ ଧାରଣ ସମ୍ଭବ ନୁହେଁ, ତେଣୁ ଏହାକୁ ମାନବିକ ଅଧିକାର ସହ ଯୋଡିବାକୁ ଆମେ ବାଧ୍ୟ । ତେଣୁ ବଞ୍ଚିବାର ଅଧିକାର (Right to life)ସହ ଜଳକୁ ଯୋଡି ଦେଖିଲେ **ଜଳର ଅଧିକାର ବା ନିରାପଦଜଳର ଅଧିକାର** (Right to Water or Right to Safe Drinking Water) କଥା ଆସୁଛି । କିନ୍ତୁ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ, ଜଳର ବଜାରୀକରଣ ଓ ତଥା କଥିତ ବିକାଶ ପ୍ରକ୍ରିୟାରେ ଜଳର ବ୍ୟବହାର ଇତ୍ୟାଦିକୁ ଦେଖିଲେ ଜଳଯେ ଏକ ସର୍ବସାଧାରଣ ସମ୍ପତ୍ତି ବା (Free Gift of Nature) ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଭଳି ଆନ୍ତର୍ଜାତୀୟ ସଙ୍ଗଠନମାନଙ୍କ ସର୍ଭେ ରିପୋର୍ଟରୁ ଜଣାଯାଇଛିଯେ, ବିଶ୍ୱର ୭.୮ ଭାଗ ଲୋକଙ୍କୁ ମୋଟେ ପାଣି ମିଳୁନାହିଁ । ୨୪.୫ ଭାଗ ଲୋକ ପିଇବା ପାଣି ପାଇବା ପାଇଁ କଠିନ ପରିଶ୍ରମ କରୁଛନ୍ତି, ୩୪.୭ ଭାଗ ଲୋକଙ୍କୁ ଯେତିକି ପାଣି ମିଳିବା କଥା ସେତିକି ମିଳୁ ନାହିଁ । ୧୬.୭ ଭାଗ ଲୋକ ଆବଶ୍ୟକ ପାଣି ପାଉଛନ୍ତି ଏବଂ ୧୬.୩ ଭାଗ ଲୋକ ଆବଶ୍ୟକ ଠାରୁ ଅଧିକ ପାଣି ପାଉଛନ୍ତି । କିନ୍ତୁ ସମ୍ବିଧାନର ମୌଳିକ ଧାରାର ଅନୁଚ୍ଛେଦର ଧାରା ୨୧ରେ ପ୍ରଦତ ଅଧିକାର ଅନୁସାରେ ରାଷ୍ଟ୍ର କାଶ୍ମୀରି ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମସ୍ତ ନାଗରିକ ମାନଙ୍କ ପାଇଁ ସ୍ୱଚ୍ଛ ଜୀବାଣୁ ମୁକ୍ତ ପାଣି ଯୋଗାଇ ଦେବା ପାଇଁ ବାଧ୍ୟ । ମାତ୍ର ଦେଶ ସ୍ୱାଧୀନ ହେବାର ୭୦ ବର୍ଷ ପରେ ମଧ୍ୟ ଏହା ଯୋଗାଇ ଦିଆଯାଇ ପାରିଲା ନାହିଁ । ସରକାରୀ ଉଦାସୀନତା, ଅବାସ୍ତବ ନୀତି ଆଦି ସମସ୍ତଙ୍କୁ ନିରାପଦ ପାଣି ଯୋଗାଇ ଦେବାରେ ଅନ୍ତରାୟ ସୃଷ୍ଟି କରିଛି ।

ଓଡିଶା ଜଳ ନୀତୀ-୨୦୦୭ ଅନୁସାରେ ରାଜ୍ୟ ସରକାର ଯଦିଓ ଅଗ୍ରାଧିକାର ତାଲିକାରେ ପିଇବା ପାଣି ଓ ଘରୋଇ ବ୍ୟବହାର ପାଇଁ ( ଉଭୟ ମଣିଷ ଏବଂ ପଶୁଙ୍କ ବ୍ୟବହାର) ପାଣିକୁ ତାଲିକାରେ ୧ ନମ୍ବର ଏବଂ କୃଷି ଶିଳ୍ପ ସହ ଶିଳ୍ପକୁ ୫ ନମ୍ବର ତାଲିକାରେ ରଖିଛନ୍ତି ଅଥଚ ସରକାରଙ୍କ ଶିଳ୍ପ ପ୍ରେମ ପାଇଁ (କୃଷି ଶିଳ୍ପକୁ ଛାଡି) ତାଲିକାର ୫



ନମ୍ବରକୁ ୧ ନମ୍ବର ଭାବେ କାର୍ଯ୍ୟରେ ପରିଣତ କରିବାରେ ବେଶୀ ଆଗ୍ରହ ଦେଖାଉଛନ୍ତି । ଜଳ ନୀତି ୨୦୦୭ରେ ଏକଥା ମଧ୍ୟ କୁହାଯାଇଛିଯେ, ଉଭୟ ଗ୍ରାମାଞ୍ଚଳରେ ଏବଂ ସହରାଞ୍ଚଳରେ ଉଭୟ ଗୃହ ପାଳିତ ଓ ମନୁଷ୍ୟ ମାନଙ୍କ ବ୍ୟବହହାର ପାଇଁ ରାଜ୍ୟ ଯଥେଷ୍ଟ ପିଇବା ପାଣି ଯୋଗାଇ ଦେବେ । ଆଜି ସୁଧା ଏହି ଜଳ ନୀତୀ କେବଳ କାଗଜ କଲମରେ ସୀମିତ ହୋଇ ରହିଗଲା ପଛକେ କାର୍ଯ୍ୟରେ ପରିଣତ ହୋଇପାରିଲା ନାହିଁ । ବିଗତ ନିର୍ବାଚନ ୨୦୧୪ରେ ଶାସକ ବି.ଜେ.ଡି ସରକାର ନିର୍ବାଚନ ଇସ୍ତାହାର ଘୋଷଣାନାମା ୨୦୧୪ରେ ଓଡିଶାର ସମସ୍ତ ପରିବାରକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦେବାର ସଙ୍କଳ୍ପ କରିଥିଲେ କିନ୍ତୁ ନିର୍ବାଚନ ସରିବାର ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସରକାର ନିଜ ପ୍ରତିଶୃତି ପୁରଣ କରିବାରେ କୌଣସି ଆଗ୍ରହ ଦେଖାଇଲେ ନାହିଁ । ଫଳରେ ପୂର୍ବତନ ୫ ଥରର ବିଧାୟକ ତଥା ଓଡିଶାର ପୂର୍ବତନ ଅର୍ଥ ମନ୍ତ୍ରୀଙ୍କ ଇଲାକା ନଗଡା ଭଳି ଶହ ଶହ ନଗଡା ଆଜି ପିଇବା ପାଣି ପାଇଁ ହାହାକାର ହେଉ ନଥାନ୍ତେ ।

ଜଳ ନୀତି-୨୦୦୭ରେ ପାଣି ପାଇଁ ପର୍ଯ୍ୟାପ୍ତ ପରିମାଣର ପାଣ୍ଠି ବ୍ୟବସ୍ଥା କଥା କୁହାଯାଇଛି । ପ୍ରକୃତରେ ଆମ ରାଜ୍ୟରେ ଉଭୟ ରାଜ୍ୟ ସଭା ଓ ଲୋକ ସଭାର ୩୧ ଜଣ ଏମ୍. ପି.ଙ୍କ ହାତ ପାଣ୍ଠି କଥା ଆମେ ଖବର କାଗଜ ପୃଷ୍ଠାରୁ ପଢିଛେ ଯେ, ପ୍ରତିବର୍ଷ ସେମାନଙ୍କର ହଜାର ହଜାର କୋଟି ହାତ ପାଣ୍ଠି ଟଙ୍କା ଫେରି ଯାଉଛି । ତା ସାଙ୍ଗକୁ ୧୪୭ ବିଧାୟକଙ୍କ ହାତ ପାଣ୍ଠି ଅଛି । ଏଣୁ ଏତେ ବଡ ପାଣ୍ଠିର ବ୍ୟବସ୍ଥା ଆମ ପାଖରେ ଥିଲେ ମଧ୍ୟ ରାଜନୈତିକ ଇଛା ଶକ୍ତିର ଅଭାବ ଯୋଗୁଁ ଏହାର ସଫଳ ରୁପାୟନ ହୋଇ ପାରୁ ନାହିଁ । ତେଣୁ ଏକ ଜନ ମଙ୍ଗଳ ରାଷ୍ଟ୍ର ଭାବେ ବଞ୍ଚିବାର ମୁଖ୍ୟ ଉପାଦାନ ଜଳ ନୀତିକୁ ଏକ ନୀତୀ ହିସାବରେ ନ ଦେଖି ଏହାକୁ ଆଇନରେ ପରିଣତ କରାଯାଅନ୍ତା ତେବେ ପ୍ରକୃତ ଜଳର ସୁରକ୍ଷା, ସରକ୍ଷଣ ଓ ଉପଯୁକ୍ତ ବ୍ୟବହାର ହୋଇ ପାରନ୍ତା । ଏଣୁ **ଜଳ ଅଧିକାର ଆଇନ ବା ନିରାପଦଜଳ ଅଧିକାର ଆଇନ** (Right to Water or Right to Safe Drinking Water) ପ୍ରଣୟନ ଆମ ପାଇଁ ଏକାନ୍ତ ଅପରିହାର୍ଯ୍ୟ ।

ଓଡିଶା ଶ୍ରମଜୀବୀ ମଞ୍ଚ

**ଜଳ ହିଁ ଜୀବନ, କେବଳବ ଯେତେବେଳେ ଏହା ସ୍ୱଚ୍ଛ ଓ ନିରାପଦ**

ସଦସ୍ୟ ସଙ୍ଗଠନ- ଆଦିମ ଅଧିବାସୀ ଏମତା ମଞ୍ଚ, ବୌଦ୍ଧ

# ସ୍ୱତନ୍ତ୍ର "ଓଡିଶା ଖାଦ୍ୟ ନିରାପତ୍ତା ଆଇନ୍"ହିଁ ଆମ ରାଜ୍ୟରେ ଭୟଙ୍କର ପୁଷ୍ଟିହୀନତା ମୁକାବିଲାର ବିକଳ୍ପ

ଅଞ୍ଜନ ପ୍ରଧାନ

ସମ୍ପ୍ରତି ରାଜ୍ୟ ସରକାର ଆମ ରାଜ୍ୟରେ ଖାଦ୍ୟ ସୁରକ୍ଷା ଆଇନ ଲାଗୁ କରିଛନ୍ତି । ମା କୁ ସମ୍ମାନ ଗାଁକୁ କାମ ଡିଣ୍ଡିମ ପିଟୁଥିବା ସରକାର ଖାଉଟି କାର୍ଡର ମାଲିକାନା ଘରର ବୟୋଜେଷ୍ଠ ମହିଳାଙ୍କୁ ଦେଇଛନ୍ତି । ଏବେ ପ୍ରତ୍ୟେକ ଗାଁରେ ସେହି ରାସନ କାର୍ଡ ସମସ୍ତଙ୍କର ମୁଣ୍ଡବ୍ୟଥାର କାରଣ ହେଇଛି । କାରଣଟି ହେଉଛି ୩ ବଖରା ଘର । ସରକାରଙ୍କ ବାଦଦେବା ମାନଦଣ୍ଡରେ ଯେବେଠାରୁ ୩ ବଖରା ଘର ଯୋଡି ହୋଇ ଗଲା ସେବେଠାରୁ ଇନ୍ଦିରା ଆବାସ ଭଳି ଯୋଜନା ସହ ନିଜ ମେହେନତି ଖଟାଇ ତିନି ବଖରା ଘର କରିଥିବା ଗରିବ ପରିବାର ଗୁଡିକର ଚିନ୍ତା ବଢିଗଲା । କାରଣ ପରିବାରର ବୟୋଜେଷ୍ଠ ମହିଳା ଯିବେ  ଜେଲ । ତିନି ବଖରା ଘର ଥାଇ ରେସନ କାର୍ଡ ପାଇଥିବା ମହିଳାଙ୍କୁ ଖୋଜି ଖୋଜି ରାଜ୍ୟ ସରକାର ଏବେ ଜେଲ ପଠାଉଛନ୍ତି । ପ୍ରତିଦିନ ମେହନତି କରୁଥିବା ଭୂମି ହୀନ, ଗରିବ, ଦିନ ମଜୁରିଆ, ନିମ୍ନ ମଧ୍ୟବିତ୍ତ ପରିବାର ଗୁଡିକ ଇନ୍ଦିରା ଆବାସ ଭଳି କିଛି ସାହାଯ୍ୟ ବା ନିଜ ପରିଶ୍ରମରୁ ପିତୃ ପରୁଷରୁ ରହିଆସିଥିବା ଭିଟାମାଟିରେ ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ଟିଣ, ଆଜବେଷ୍ଟସ, ଛାତ ଘର କରିଥାନ୍ତି । କିନ୍ତୁ ସେମାନଙ୍କର ରୋଜଗାର ବର୍ଷ ସାରା ପରିବାର ଭରଣ ପୋଷଣ କରିବାରେ ସହାୟକ ହୋଇ ନଥାଏ । ଫଳରେ କାମ ନାହିଁ ତ ଖାଦ୍ୟ ନାହିଁ ନ୍ୟାୟରେ ସେମାନେ ବଞ୍ଚିଥାନ୍ତି । ଏକଥାକୁ ରାଜ୍ୟ ସରକାର ବୁଝିବା ଦରକାର ଯେ, ସତରେ କଣ ୩ ବଖରା ଘର ପରିବାରକୁ ଖାଇବା ଯୋଗାଇଥାଏ । ଅବଶ୍ୟ ଆଗକୁ ପଞ୍ଚାୟତ ନିର୍ବାଚନ ବବୈତରଣୀ ପାଇଁ ଇନ୍ଦିରା ଆବାସ ଘରକୁ ଏବେ ବାଦ୍ ଦେଇଛନ୍ତି ।



ସମ୍ମାନର ସହ ବଞ୍ଚିବାର ଅଧିକାର ଯଥା- ଉତ୍ତମ ଖାଦ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଆଦି ପାଇଁ ଆମ ସମ୍ବିଧାନର ଉଭୟ ଧାରା ୨୧ ଓ ୪୭ ମତେ ନିର୍ଦ୍ଦେଶ ଅଛିଯେ, ରାଷ୍ଟ୍ର ତାର ସମସ୍ତ ନାଗରିକଙ୍କୁ ଉନ୍ନତ ମାନର ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଇବା ସହ ସମସ୍ତ ଜନସାଧାରଣଙ୍କର ସ୍ୱାସ୍ଥ୍ୟର ଉନ୍ନତି ବିଧାନ କରିବା । ସମ୍ବିଧାନ ପ୍ରତି ପ୍ରତିଶୃତିବଦ୍ଧତା ଓ ଆର୍ନ୍ତଜାତୀୟ ସ୍ତରର ରାଜିନାମା ଆଦି ସରକାରଙ୍କୁ ଖାଦ୍ୟ ସୁରକ୍ଷା ବିଧେୟକଟି ଆଣିବାରେ ସହାୟତା କରିଛି । ଫଳରେ ପ୍ରତ୍ୟେକ ପରିବାର ସ୍ତରରେ ଖାଦ୍ୟ ନିରାପତ୍ତା ପହଞ୍ଚାଇବା ନିମିତ୍ତ ଭାରତ ସରକାର ସମସ୍ତ ତାଲିକାଭୁକ୍ତ ବ୍ୟକ୍ତିବିଶେଷଙ୍କୁ ମୁଣ୍ଡ ପିଛା ୫ କି.ଗ୍ରା. ଖାଦ୍ୟ ଶସ୍ୟ ଦେବା ପ୍ରକ୍ରିୟାକୁ ଆରମ୍ଭ କରି ସାରିଛନ୍ତି । ଏହା ପୁର୍ବରୁ ଓଡିଶା ସରକାର ମଧ୍ୟ ବି.ପି.ଏଲ. ତାଲିକାଭୁକ୍ତ ପରିବାର ଗୁଡିକୁ ମାସକୁ ୨୫ କି.ଗ୍ରା. ଚାଉଳ ୧ ଟଙ୍କା ଦରରେ ଯୋଗାଇ ଦେଉଛନ୍ତି । ମାତ୍ର ଏହ ସତ୍ୱେ ପରିବାର ଗୁଡିକର ଖାଦ୍ୟ ନିରାପତ୍ତା ବହୁ ଆହ୍ୱାନର ସମ୍ମୁଖୀନ ହେଉଛି । ଭାରତ ଚିକିତ୍ସା ଅନୁସନ୍ଧାନ ପରିଷଦ ଅନୁଯାୟୀ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କୁ ମାସକୁ ୧୪ କିଲୋଗ୍ରାମ ଖାଦ୍ୟ ଶସ୍ୟ ଦରକାର । ତେଣୁ ବ୍ୟକ୍ତିପିଛା ୫ କି.ଗ୍ରା. ଖାଦ୍ୟ ଶସ୍ୟ ଅର୍ଥାତ ଦିନକୁ ଜଣେ ବ୍ୟକ୍ତି ପାଇଁ ୧୬୬ ଗ୍ରାମ ଖାଦ୍ୟ ଶସ୍ୟ କିଭଳି ଭାବେ ଖାଦ୍ୟ ସୁରକ୍ଷା ଦେଇ ପାରିବ ତାହା ସମସ୍ତଙ୍କ ଆଗରେ ଏକ ସାଧାରଣ ପ୍ରଶ୍ନ ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ , ୟୁନିସେଫ୍ ଆଦି ସଂସ୍ଥା ମାନଙ୍କର ସର୍ଭେ ଅନୁସାରେ, ଆମ ରାଜ୍ୟ ଓଡିଶାର ଗ୍ରାମାଞ୍ଚଳରେ **୫୫ ପ୍ରତିଶତ** ଶିଶୁ ଏବେବି ପୁଷ୍ଟି ହୀନତାର ଶିକାର ହେଉଛନ୍ତି ଯାହାକି ଏକ ଜାତୀୟ ଲଜ୍ଜା । ସେହିପରି **୪୪ ପ୍ରତିଶତ ୫ ବର୍ଷରୁ** କମ୍ ବୟସର ଶିଶୁ ଅପପୁଷ୍ଟିର ଶିକାର ହୋଇ ନିମୋନିଆ, ଡାଇରିଆ ଓ ମ୍ୟାଲେରିଆ ଆଦି ରୋଗରେ ପଡି ମୃତ୍ୟୁ ବରଣ କରୁଛନ୍ତି । ଶିଶୁ ର ବୌଦ୍ଧିକ ବିକାଶରେ ପୁଷ୍ଟି ହୀନତା ଶତ ପ୍ରତିଶତ ପ୍ରତିବନ୍ଧକ ସୃଷ୍ଟି କରୁଛି । ଅପପୁଷ୍ଟିର ଶିକାର ହୋଇଥିବା ଶିଶୁ ଠାରେ ଶିକ୍ଷା , ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ କମ୍ ଦକ୍ଷତା ପ୍ରତିପାଦିତ ହୋଇଥାଏ, ଫଳରେ ଏହା ପ୍ରାପ୍ତ ବୟସ୍କ ସମୟରେ ଶତକଡା ୨୦ ଭାଗ ରୋଜଗାର କମିଯିବାର ଲକ୍ଷଣ ଦେଖାଯାଏ । ସେହିପରି ଗର୍ଭବତୀ ମହିଳା ମାନଙ୍କର କ୍ଷେତ୍ରରେ ଏହା ଦେଖାଯାଇଛିଯେ, ପୂର୍ଣ୍ଣାଙ୍ଗ ପ୍ରାପ୍ତି ହେବା ପୂର୍ବରୁ ଛୁଆ ଜନ୍ମ ହେବା ଓ ଜନ୍ମ ସମୟରେ ଛୁଆର ଓଜନ ଆବଶ୍ୟକତା ଠାରୁ କମ୍ ହେବା ଆଦି ମୁଖ୍ୟତଃ ପୁଷ୍ଟିହୀନତା କାରଣରୁ ହୋଇଥାଏ, ଫଳରେ ଜନ୍ମର ପ୍ରଥମ ମାସ ମଧ୍ୟରେହିଁ ୪୫ ପ୍ରତିଶତ ଛୁଆ ମୃତ୍ୟୁ ମୁଖରେ ପଡିଥାନ୍ତି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁଯାୟୀ ୩୮.୪% ଶିଶୁ ବୟସ ଅନୁସାରେ କମ୍ ଉଚ୍ଚତା ବିଶିଷ୍ଟ ହୋଇଥାନ୍ତି । ସେହିପରି ୪୬% ଶିଶୁ ବୟସ ଅନୁପାତରେ କମ୍ ଓଜନର ଓ ଦୁର୍ବଳ ହୋଇଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁସାରେ ସେହି ୬% ଶିଶୁ ଯେଉଁମାନେ ଅତ୍ୟନ୍ତ ପୁଷ୍ଟିହୀନତାର ଶିକାର ହୋଇଥାନ୍ତି ସେମାନେ ମୃତ୍ୟୁବରଣ କରିବାର ଯଥେଷ୍ଟ ସମ୍ଭାବନା ଅଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲା ଯାଜପୁରର ନଗଡା ଗାଁ । ଯାହାକି ଦୀଲ୍ଲିଠାରୁ ପଲ୍ଲି ପର୍ଯ୍ୟନ୍ତ ପ୍ରଶାସନର ନିଦ ହଜେଇ ଦେଇଛି । କିନ୍ତୁ ଦୁଃଖର କଥା ଏହିଭଳି ଶହ ଶହ ନଗଡା କନ୍ଧମାଳ , କୋରାପୁଟ, ମାଲକାନାଗିରି ଭଳି ଆଦିବାସୀ, ଦଳିତ ଅଧ୍ୟୁଷିତ ଜିଲ୍ଲା ମାନଙ୍କରେ ରହିଥିଲେ ମଧ୍ୟ ତା ପ୍ରତି କାହାର ନଜର ନାହିଁ ।

ଏହି ଭୟଙ୍କର ବେମାରୀର ଶିକାର ହେଉଛନ୍ତି ବିଶେଷକରି ହଜାର ହଜାର ଗରିବ, ଖଟିଖିଆ, ଆଦିବାସୀ, ଦଳିତ ପରିବାର । ଫଳରେ ଆମ ରାଜ୍ୟର ମୋଟ ଉତ୍ପାଦନରେ ବାଧା ସୃଷ୍ଟି ହେଉଛି । ଏହାର ଏକ ମାତ୍ର ସମାଧାନର ପନ୍ଥା ହେଉଛି ଲୋକଙ୍କୁ ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଇଦେବା । ଖାଦ୍ୟ ସୁରକ୍ଷା ଅର୍ଥ କେବଳ ଚାଉଳ ନୁହେଁ, ତେଣୁ

ଚାଉଳ ସାଙ୍ଗକୁ ଡାଲି, ଚିନି , ଖାଇବା ତେଲ ଓ ଆୟୋଡିନ ଯୁକ୍ତ ଲୁଣ ଆଦି ଯୋଗାଇଦେବା ନିହାତି ଦରକାର । ଏହାହିଁ ହେବ ପ୍ରକୃତ ଖାଦ୍ୟ ସୁରକ୍ଷା ।

ବିଭିନ୍ନ ଦିଗରୁ ଦେଖିଲେ ବିଗତ ୨୦୧୪ ନିର୍ବାଚନ ଇସ୍ତାହାର ଅନୁଯାଇ ଆମ୍ଭ ରାଜ୍ୟ ସରକାର ଓଡିଶାର ସମସ୍ତ ପରିବାରକୁ ଖାଦ୍ୟ ଅଧିକାର ଦେବାପାଇଁ ପ୍ରତିଶୃତି ବଦ୍ଧ ଥିବା ସତ୍ୱେ ଏହି ପ୍ରସ୍ତାବିତ ଖାଦ୍ୟ ସୁରକ୍ଷା ଆଇନ ପୁଷ୍ଟି ଯୁକ୍ତ ଖାଦ୍ୟର କୌଣସି ବ୍ୟବସ୍ଥା ନାହିଁ । ତେଣୁ ହଜାର ହଜାର ଗରିବ, ଖଟିଖିଆ, ଆଦିବାସୀ, ଦଳିତ ପରିବାର ଗୁଡିକ ଅତି ଉଚ୍ଚ ଦରରେ ଯଥା ୧୨୦ ରୁ ୧୫୦ ଟଙ୍କା ଦରରେ ଡାଲି , ୪୦ ରୁ ୪୫ ଟଙ୍କା ଦରରେ ଚିନି , ୧୦୦ରୁ ୧୨୦ ଟଙ୍କା ଦରରେ ଖାଇବା ତେଲ କ୍ରୟ ଶକ୍ତି ଅଭାବ ହିଁ ସବୁ ସମୟରେ ପୁଷ୍ଟିହୀନତାକୁ ସୃଷ୍ଟି କରିଥାଏ । ଏକଥା ସମସ୍ତେ ଜାଣନ୍ତିଯେ, ନିକଟ ଅତୀତରେ ସାମାଜିକ, ଆର୍ଥୀକ ଓ ଜାତିଗତ ସ୍ଥିତିକୁ ନେଇ ହୋଇଥିବା ଜନଗଣନା ତଥ୍ୟ ଅନୁସାରେ ଓଡିଶାର ଗ୍ରାମାଞ୍ଚଳରେ ଥିବା ପରିବାର ମଧ୍ୟରେ ୮୮% ପରିବାରର ମାସିକ ଆୟ **ଟ.୫୦୦୦.୦୦ଙ୍କାରୁ** ଉର୍ଦ୍ଧ୍ୱ ନୁହେଁ । ରଙ୍ଗରାଜନ କମିଟି ତଥ୍ୟ ଆଧାରରେ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ମାସିକ ବ୍ୟୟ **ଟ.୪୦୦୦.୦୦** ରୁ କମ୍ । **ଅତେବ ରାଜ୍ୟର ଆର୍ଥୀକ ଅବସ୍ଥା ଭଲ ନ ଥିବା ପରିବାର ସଂଖ୍ୟା ୮୮%ରୁ ଅଧିକ । ଏଣୁ ରାଜ୍ୟ ସରକାର ୩ ବଖରା ଘର ଥିବା ପରିବାର କିମ୍ବା ଅନ୍ୟାନ୍ୟ କିଛି ନଦେଖି ସିଧାସଳଖ ଭାବେ ୮୮% ପରିବାରକୁ ରାସନ କାର୍ଡ ବାଂଟିଦେବା କଥା ।**

ଏଣୁ **"ଓଡ଼ିଶା ଶ୍ରମଜୀବୀ ମଞ୍ଚ"** ବିଗତ ନଭେମ୍ବର ୨୦୧୨ ମସିହାରୁ ଦାବୀ କରିଆସୁଅଛି ଯେ, ଆମ ରାଜ୍ୟରେ ଭୟଙ୍କର ପୁଷ୍ଟିହିନତାର ମୁକାବିଲା କରିବା ପାଇଁ ଏକମାତ୍ର ବିକଳ୍ପ ଭାବେ ଓଡିଶାରେ ଏକ ସତନ୍ତ୍ର ଓ ଦୃଢ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ଆଇନ ଲାଗୁ କରାଯାଉ । ଏବଂ ବ୍ୟକ୍ତିକୁ ୟୁନିଟ ହିସାବରେ ନିଆ ନ ଯାଇ ପରିବାରକୁ ୟୁନିଟ ହିସାବରେ ନିଆଯାଉ । ତା ସାଙ୍ଗକୁ ପ୍ରତ୍ୟେକ ପରିବାରଗୁଡ଼ିକୁ ମାସକୁ ପରିବାର ପିଛା ୩୫କିଗ୍ରା. ଖାଦ୍ୟଶସ୍ୟ ୧ ଟଙ୍କା ଦରରେ, ୩ କିଗ୍ରା. ଡ଼ାଲି ୧୦ ଟଙ୍କା ଦରରେ ୧ କିଗ୍ରା. ଖାଇବା ତେଲ ୧୦ ଟଙ୍କା ଦରରେ, ୨ କିଗ୍ରା. ଚିନି ୧୦ ଟଙ୍କା ଦରରେ, ଆୟୋଡ଼ିନ୍‌ଯୁକ୍ତ ଲୁଣ ମାଗଣାରେ ଯୋଗାଇ ଦେବା ଦରକାର ।

ଖାଦ୍ୟ ଶସ୍ୟ ଓଜନରେ ବାଟ ମାରଣା ଗୋଟିଏ ନିତି ଦିନିଆ କଥା । ଏଣୁ ଯଦି ପ୍ରତ୍ୟେକ ଖାଦ୍ୟ ଶସ୍ୟ ଗୁଡିକୁ ପ୍ରଥମରୁ ସଠିକ୍ ପରିମାଣ ଏବଂ ସିଲ୍ ପ୍ୟାକ୍ କରି ପ୍ରଦାନ କରାଯିବ ତେବେ ଖାଉଟି ଠକାମିର ଶିକାର ହୋଇପାରିବ ନାହିଁ । ବଣ ପାହାଡ ଘେରା ଅଂଚଳରେ



ଓଡିଶା ଶ୍ରମଜୀବୀ ମଞ୍ଚର ପ୍ରତିନିଧିମାନଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ ୧୦ଲକ୍ଷ ଦସ୍ତଖତ ଅଭିଯାନ ପରିପ୍ରେକ୍ଷିରେ ତତ୍କାଳିନ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କୁ ୧୦ଲକ୍ଷ ଦସ୍ତଖତ ପ୍ରଦାନ ।

ଆଦିବାସୀ ବା ଦଳିତ ପରବାରଟିଏ ପାଖରେ ସବୁବେଳେ ପଇସା ନଥାଏ । ଏଣୁ ସବୁବେଳେ ସେ ପ୍ରସ୍ତୁତ ହୋଇପାରେ ନାହିଁ ରେସନ ନେବାପାଇଁ । ତା ସାଙ୍ଗକୁ ବଣ୍ଟନ ସାମଗ୍ରୀ କେନ୍ଦ୍ର ମଧ୍ୟ ଗାଁ ଠାରୁ ବହୁତ ଦୂରରେ । ଏପରି କ୍ଷେତ୍ରରେ ଯଦି କୌଣସି କାରଣରୁ ଗୋଟିଏ ମାସର ଖାଦ୍ୟଶସ୍ୟ ଓ ସାମଗ୍ରୀ ହିତାଧିକାରୀ ନ ନେଇ ପାରିଲେ ତାଙ୍କୁ ତାହାର ପରବର୍ତ୍ତୀ ମାସରେ ଦେବାର ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବା ଉଚିତ ଏବଂ ଏହା ଦୁଇ ମାସ ପର୍ଯ୍ୟନ୍ତ ଦେବାର ବ୍ୟବସ୍ଥା କରାଯିବା ଉଚିତ । ତା ସହ ସାଧାରଣ ବଣ୍ଟନ ସାମଗ୍ରୀ କେନ୍ଦ୍ର ଗାଁଗୁଡ଼ିକଠାରୁ ସର୍ବାଧିକ ୧ କିଲୋମିଟର ଦୂରତା ମଧ୍ୟରେ ରଖାଗଲେ ଶ୍ରମଜୀବୀ ମଣିଷଟି ପାଖରେ ଖାଉଟି ସାମଗ୍ରୀ ପହଞ୍ଚି ପାରିବ । ଏବଂ ସାଧାରଣ ବଣ୍ଟନ ସାମଗ୍ରୀ କେନ୍ଦ୍ର ସପ୍ତାହକୁ ନିହାତି ଭାବେ ୨ ଦିନ ଖୋଲା ରହିବା ଦରକାର । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟର ସଂଗ୍ରହ ଓ ବଂଟନ ପ୍ରତି ଗୁରୁତ୍ୱ ଦିଆଯାଇ ଏବଂ ପଞ୍ଚାୟତ ସ୍ତରରେ ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ କରାଗଲେ ସ୍ଥାନୀୟ ଚାଷୀଟିଏ ଉପଯୁକ୍ତ ପ୍ରାପ୍ୟ ପାଇପାରନ୍ତା ଓ ଦାଦନ ନଯାଇ ନିଜ ଗାଁରେ ଚାଷ ବାସ କରି ଜୀବିକା ନିର୍ବାହ କରିପାରନ୍ତା ।

ଶେଷରେ ଖାଦ୍ୟ ସୁରକ୍ଷା ସେହିଦିନ ସଫଳ ହେବ ଯେଉଁଦିନ ଗରିବ, ଖଟିଖିଆ, ଆଦିବାସୀ, ଦଳିତ ପରିବାର ମାନଙ୍କର କ୍ରୟ ଶକ୍ତିର ବୃଦ୍ଧି ଘଟିବ ଓ ମାସିକ ପାରିବାରିକ ଆୟ ଟ.୧୫୦୦୦.୦୦ରୁ ଅଧିକ ହେବ । ତେଣୁ କ୍ରୟ ଶକ୍ତିର ବୃଦ୍ଧି କରିବା ପାଇଁ ମନରେଗା ଆଇନକୁ ଆମ ରାଜ୍ୟରେ ଶକ୍ତିଶାଳୀ କରିବା ସହିତ ମଜୁରି ହାର ଅନ୍ତତଃ ଆଜିର ମୂଲ୍ୟରେ ଦୈନିକ ମଜୁରି ଟ.୪୦୦.୦୦ ରଖାଗଲେ ଶ୍ରମଜୀବୀଟିଏ ଉପଯୁକ୍ତ ନ୍ୟାୟ ପାଇଲାବୋଲି ବିବେଚିତ ହୋଇପାରନ୍ତା

**"ଓଡିଶା ଶ୍ରମଜୀବୀ ମଞ୍ଚ"**

**ଡାଇରିଆର ମୂଳ କାରଣ, ଗାଁ ପରିମାଳ ଦୂଷିତ ଜଳ ।**

# ଝୁରୁଛି ଝୁରିଆ

**ପଞ୍ଚାନନ ପ୍ରଧାନ**

ଭଲ ମଣିଷଟିଏ ଝୁରିଆ । ସବୁ କଥାରେ ତାକୁ ଖୋଜନ୍ତି ଗାଁ ସାରା ଲୋକ । କାହାର କଥା ସେ ଭାଙ୍ଗି ପାରେନି । ସମସ୍ତଙ୍କର ବୋଲହାକ ସେ କରେ । ଗାଁ ମୁଣ୍ଡ ନିମ୍ବଗଛ ତଳେ ତା'ର ଛୋଟ କୁଡିଆ ଘରଟି ଏବେ ଭାଙ୍ଗି ଦଦରା ନୁଖୁରା ଦିଶୁଛି । ସେଇଠି ସେ ନିଜ ୫ ପ୍ରାଣୀ ପରିବାର ସହ ରହେ । ଘର ପଛପଟ ଖୋଲା ଜାଗାରେ ରୋଷେଇ ଚୁଲି । ବର୍ଷା ପବନ ହେଲେ ଚୁଲିରେ ପାଣି ପଶିଯାଏ । ଦିନେ ଦିନେ ଚୁଲି ଜଳେ ନାହିଁ । ଫି ବର୍ଷ ଘର ଛପର କରି ପାରେ ନାହିଁ ଝୁରିଆ । ଗାଁରେ ଥରକୁ ଥର ମରୁଡି ପଡ଼େ । ଧାନ ଫସଲ ମାଡ ଖାଇଯାଏ । ସାହୁକାର ଘରୁ ପାଳକୁଟା ଟିକିଏ ମିଳେ ନାହିଁ । ହେଲେ ମନ ଦୁଃଖ ନଥାଏ ତା'ର । ବର୍ଷା କାକର ଖରା ତାତିରେ ସେହି ଘରେ ଦିନ କାଟେ ।

ଗାଁ ସାହୁକାର ଘରେ ମୂଲ ଲାଗି ପରିବାର ପୋଷେ । କେବେ କେବେ କାମ ମିଳେନା । ବଡ ପୁଅ ମାଧବ ପାଠ ଛାଡି ପାଖ ସହରର ଏକ ହୋଟେଲରେ କାମ କରେ । ଯାହା ଅରଜେ, ସେତକ ତା'ର ଲୁଗାପଟା ଦେହପା'କୁ ସମାନ ହୁଏ । ୧୦ ବର୍ଷର ଝିଅ କୁନି । ଦିବର୍ଷ ହେବ ପାଠ ଛାଡି ଦେଲାଣି । କେବକେବେ ଛେଳି ଚରାଇବାକୁ ମା' ସାଙ୍ଗରେ ଯାଏ । ମ୍ୟାଲେରିଆରେ ପଡ଼ିବା ପରେ ସେ ଏମିତି ଦୁର୍ବଳ ହୋଇଯାଇଛି ଯେ ତାକୁ ଅନେଇ ହେଉନାହିଁ । ଝୁରିଆର ବୟସ ୫୫ ସରିକି । ସ୍ତ୍ରୀ ରମାକୁ ୪୫ ଡେଁଇଲାଣି । ଦୁଇ ଜଣଙ୍କ ଦେହରେ ମାଂସ ନାହିଁ । ଖାଲି ହାଡ଼ ଓ ଚମଡ଼ା । ରୋଗ ମାଡି ବସିଲାଣି । ଖଟିଲେ ଖାଉଛନ୍ତି । ନଖଟିଲେ ଖାଡ଼ା ଉପାସ । ସ୍ତ୍ରୀ ରମା ସଂଜ ଦୀପ ଦେଲାବେଳେ ତା' ଆଖିରୁ ଦିଧାର ଲୁହ ବୋହିଯାଏ । ଭଲରେ ଦିବେଳା ଖୋରାକି ଜୁଟିଯାଉ, ଚୁଲି ଜଳୁ ଏମିତି ଗୁହାରି କରି ବୃନ୍ଦାବତୀ ମା'ଙ୍କୁ ମୁଣ୍ଡିଆଟେ ମାରେ ।

ରମାର ଗୁହାରି ବିଧାତା କାନରେ ପଡିଲା । ପଞ୍ଚାୟତରୁ ତାକୁ ଅନ୍ତୋଦୟ କାର୍ଡଟିଏ ମିଳିଲା । ମାସକୁ ମାସ ୩୫ କି.ଗ୍ରା. ଚାଉଳ ମିଳିଲା । ପ୍ରଥମ ଦିନ ଚାଉଳ ମିଳିଲାପରେ ଖୁସିରେ କାନ୍ଦି ପକାଇଥିଲା ଝୁରିଆ । ଥାକା ମାରି ବସି ପଡି ମନେ ପକାଇଲା ବିଗତ ଦିନର ସବୁ କଥା । ଏହି କାର୍ଡଟି ପାଇବାକୁ ସେ କେତେ ଯେ ଲୋକଙ୍କୁ ନେହୁରା ହୋଇଥିଲା । ନିଜ ପିଲା ଛୁଆ ତୁଣ୍ଡରେ ନ ଦେଇ ବାଡ଼ିର ସବୁ ଅମୃତଭଣ୍ଡା ଆଉ କଦଳୀ କାନ୍ଧି ନେଇ ଦେଇଛି ବାବୁ ସାଆନ୍ତମାନଙ୍କୁ । ୧୨ ଦୁଆର ୧୩ ପିଣ୍ଡା ବୁଲିଛି । ଆଜି ଭଗବାନ ତା' କଥା ଶୁଣିଛନ୍ତି । ରମାର ଖୁସୀ କହିଲେ ନସରେ ।

ଏମିତି କେତେ ଦିନ ଗଲା । ଦିନେ ଗାଁରେ ଗୋଟିଏ ସେବା ସଂସ୍ଥା ସଭା କରି ନିହାତି ଗରିବ ଲୋକଙ୍କୁ ଟିଣଚାଦର ମାଗଣାରେ ଯୋଗାଇବାକୁ କହିଲେ । ସର୍ଭେ ହେଲା । ଝୁରିଆର ନାଁ ଆସିଲା । ତାକୁ ୧୦ ପନ୍ଦରଟି ଟିଣଚାଦର ଦେବାକୁ ସଂସ୍ଥା ବାବୁମାନେ କଥା ଦେଲେ । ଘର ବୁଲି ମାପ କଲେ ।

ଘରେ ଆସି ରମା ସହିତ କଥା ହେଲା ଝୁରିଆ । ସମସ୍ତ ୫ଟି ଛେଳି ବିକି ସିମେଣ୍ଟ କିଣିବାକୁ ଦୁହେଁ ମନ ଥୟ କଲେ । ସପ୍ତାହକ ପରେ ୧୨ଟି ଟିଣ ମିଳିଲା । ଗୋଟେ ମାସ ଦିନ ରାତି ସମାନ କରି ସାରା ପରିବାର ମିଶି ୨୫ ହଜାର ଇଟା ଗଢ଼ିଲେ । ଅନାବନା କାଠ ବୋହି ଆଣି ଇଟାଭାଟିରେ ନିଆଁ ଯୋଖିଲେ । ରାତିସାରା ଇଟାଭାଟି ଜଳିଲା । ଭଲ ଦିନ ଦେଖି ପୁରୁଣା ଘର ଭାଙ୍ଗି ନୂଆ କାନ୍ଥ ଟେକିଲା ଝୁରିଆ । ମାଟି କାଦୁଅରେ ଇଟା ଯୋଡାହେଲା । ମାଧବ ନିଜ ହାତରେ ସବୁ କଲା । ବାହାର ମିସ୍ତ୍ରୀ ଧରିବାକୁ ପଡିଲାନି । ଘର ଚଟାଣ ସିମେଣ୍ଟ ପଲସ୍ତରା କଲେ । ନୂଆ ଘରେ ସଭିଁଏ ଖୁସିରେ ରହିଲେ । ୩୫ କି.ଗ୍ରା. ଚାଉଳ, ମୂଲମଜୁରି ଇତ୍ୟାଦିରେ ଘର ଚଳି ଯାଉଥାଏ ।

ଦିନେ ଦିଜଣ ଧାଙ୍ଗଡ଼ା ଆସି ଘରଘର ବୁଲି ଗାଁ ଯାକର କଥା ଟିପିନେଲେ । ଝୁରିଆ ଘର ବି ବୁଲି ଦେଖିଲେ । ମଣିଷ ଗଣିଲେ । କିଛି ନ କହି ଚାଲି ଗଲେ । ଗାଁରେ ସେମିତି କେହି ପାଠୁଆ ଲୋକ ନାହିଁଯେ ତାକୁ ସବୁ କଥା ବୁଝାଇବ । ବର୍ଷେ ଦୁଇ ବର୍ଷ ପରେ ହଠାତ୍ ସରକାର ତାକୁ ଆଉ ଚାଉଳ ଦେଲେନାହିଁ । ଝୁରିଆ କୁଟୁମ୍ବ ଉପରେ ପାହାଡ ଖସି ପଡିବା ଭଳି ଲାଗିଲା । ବଳ ବୟସ ନାହିଁ କେମିତି ବଞ୍ଚିବେ ଏ ଚିନ୍ତା ଘାରୁଥିଲା ଦୁହିଁଙ୍କୁ । ଅନ୍ନ ଚିନ୍ତାରେ ଝୁରିଆ ବିଛଣା ଧରିଲା । ବୁଢ଼ୀଟି ଝିଅକୁ ଧରି ଅନ୍ୟ ଲୋକର ଛେଳି ଚରାଇବାକୁ ଯାଏ । ସକାଳେ ଗଲେ ସଞ୍ଜ ହୁଏ । ଦୁଇ ପୁଅ ପୁଣି ଫେରିଗଲେ ସହରକୁ । ବଡ ପୁଅ ମାଧବ ମଝିରେ ମଝିରେ ଶହେ ଦିଶହ ଟଙ୍କା ଘରକୁ ପଠାଏ । ସାନ ପୁଅ ବାବୁଲା ତା'ର ତ ସବୁ ରୋଜଗାର ମଦପିଆରେ ଉଡ଼େ । ବାପା ମାଙ୍କ ଦୁଃଖ ଦେଖି ପାରିଲାନି ଝିଅ କୁନି । କାଠ ଆଣି ବିକିବ ବୋଲି ଜଙ୍ଗଲକୁ ଯାଇଥିଲା । ଜଙ୍ଗଲରେ ତା'କୁ ସାପ ମାରିଦେଲା । ଗୁଣିଆ ପାଖକୁ ନେବା ବାଟରେ ତା'ର ଜୀବନ ଚାଲିଗଲା । ବୁଢୀ ମା'ଟା ମୁଣ୍ଡ ପିଟି ବହୁତ କାନ୍ଦିଲା । ଝୁରିଆ ଆଖିରୁ ଲୁହ ଶୁଖିଗଲା । ଦାଣ୍ଡ ଦୁଆରେ ମନମାରି ବସିଥାଏ ଝୁରିଆ । ବାଟରେ ଯାଉଥିବା ଲୋକଙ୍କୁ ଡାକି ପଚାରେ ଚାଉଳ କାର୍ଡ କେବେ ମିଳିବ ? ହେଲେ କେହି ତାକୁ ବୁଝାଇ କହି ପାରନ୍ତି ନାହିଁ । ତା' ଜୀବନ ଚଞ୍ଚଳ ନେଇଯିବା ପାଇଁ ସେ ଭଗବାନଙ୍କୁ ଡାକେ । ଦିନେ ଗାଁରେ ଟମଟମା ପିଟା ହେଲା । ସମସ୍ତେ ଯାଇ କାର୍ଡ ପାଇଁ ନାମ ଲେଖାଇଲେ । ରମା ଯାଇ ତା' ନାଁ ଲେଖାଇ ଆସିଲା । କାର୍ଡ ଆସିବା ଯାଏଁ କଷ୍ଟ ସହିଯିବାକୁ ଝୁରିଆକୁ ବୁଝାଇଲା । କାର୍ଡକୁ ଅନାଇ ଅନାଇ ୫ ମାସ ଗଡିଗଲା ପରେ ଦିନେ ପୁଣି ଗୋଟେ କାର୍ଡ ମିଳିଲା । ରମାର ଆଖିରୁ ଠପ୍ ଠପ୍ ଲୁହ ଝରିପଡିଲା । ଧାଇଁ ଯାଇ ୨୦ କି.ଗ୍ରା. ଚାଉଳ ଆଣିଲା । ନାଁକୁ ୨୦ କି.ଗ୍ରା. କିନ୍ତୁ ୨/୩ କି.ଗ୍ରା. ଓଜନ ଊଣା ଲାଗୁଥିଲା । ରମା ଭାବିଲା ୨୦ ଟଙ୍କାର ଚାଉଳ ଏତେ ବାଦକାହିଁକି କରିବି ! ଶାଗ ପଖାଳ କରି ଚଳିଯିବା । ଗାଁ ଲୋକ କୁହାକୁହି ହେଲେ ସିମେଣ୍ଟ ଘର ତିନି ବଖରା ଥିଲେ କାର୍ଡ ଫେରାଇବାକୁ ହେବ । ନହେଲେ ଜେଲ ଓ ଜୋରିମାନା ଭୋଗିବାକୁ ପଡିବ । ସତକୁ ସତ ଝୁରିଆ ଘରକୁ ନୋଟିସ ଆସିଲା । ଜୀବନରେ କେବେ ରାଗି ନଥିବା ଲୋକଟି ରାଗି ଯାଇ ପାଟି କରି ରମାକୁ ତାଗିଦ୍‌କଲା । କହିଲା, "ଏ ଚାଉଳ ଛୁଇଁବା ଦରକାର ନାହିଁ । ତାକୁ ରଖିଦେ । ମୋ ବାପା ଅଜା ଅମଳରେ କିଏ ବି ଜେଲ ଯାଇ ନାହାନ୍ତି । ଆମେ କେବେ ଚୋରି କରି

ଅବଶିଷ୍ଟାଂଶ ପୃଷ୍ଠା ୭ରେ......

# ସଙ୍ଗଠନର ପ୍ରଭାବ......

# ଦୂର ହେଲା ପିଇବା ପାଣିର ସମସ୍ୟା

ଅଶୋକ ନାଏକ

ଏବେ ଆମ ରାଜ୍ୟର ଜୀବନରେଖା କହୁଥିବା ମହାନଦୀ ପାଇଁ ସବୁ ରାଜନୈତିକ ଦଳ ଭିତରେ ମହା ସଂଗ୍ରାମ ଚାଲିଛି । ଯଦିଓ ଏହା ଏକ କୁମ୍ଭିର କାନ୍ଦଣା ବୋଲି କିଛି ଲୋକ କୁହାକୁହି ହେଉଛନ୍ତି ତଥାପି ମହାନଦୀ ପାଣିକୁ ନେଇ ଆମ ରାଜ୍ୟ ସଙ୍କଟରେ । କିନ୍ତୁ ସେହି ମହାନଦୀ ବେଳେବେଳେ ତାର କରାଳରୁପ ଦେଖାଇ ଅମ୍ଭମାନଙ୍କୁ କନ୍ଦାଇଥାଏ । ଅତୀତରେ କାନ୍ଦିଥିବା ସେହିଭଳି ଏକ ଗାଁ ତେନ୍ତୁଳିପଦର ଦଳିତ ସାହି । ଏହି ଗାଁଟି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ର ଧଳପୁର ଗ୍ରାମ ପଞ୍ଚାୟତରେ । ଗାଁଟି ୪୦ ଗୋଟି ପରିବାରକୁ ନେଇ ମହାନଦୀ କୁଳରେ ଅବସ୍ଥିତ । ସମସ୍ତେ ଭୁମିହୀନ ହୋଇଥିବାରୁ ଦିନ ମଜୁରିଆଭାବେ ପରିବାର ପ୍ରତିପୋଷଣ କରନ୍ତି । ୧୯୮୨ ମସିହାର ଘଟଣା । ଓଡିଶାରେ ମହାନଦୀରେ ଏକ ବଡ ବନ୍ୟା ଆସିଥିଲା ଯାହାକି ଏବେବି ସମସ୍ତଙ୍କର ମନରେ ଲିପିବଦ୍ଧ ହୋଇ ରହିଯାଇଛି ।



ଉକ୍ତ ପ୍ରଳୟଙ୍କରି ବନ୍ୟାରେ ତେନ୍ତୁଳିପଦର ଗାଁଟି ସମ୍ପୂର୍ଣ୍ଣ ଧୋଇହୋଇ ଯାଇଥିଲା । ତେଣୁ ବୌଦ୍ଧ ଜିଲ୍ଲା ପ୍ରଶାସନ ତରଫରୁ ତେନ୍ତୁଳିପଦର ଗାଁଟିକୁ ପାଖରେ ଥିବା ଏକ ନିରାପଦ ତଥା ଉଚ୍ଚ ଯାଗାରେ ଥଇଥାନ କରାଯାଇଥିଲା । ଏବଂ ପାନୀୟ ଜଳ ଭାବେ ବ୍ୟବହାର କରିବା ପାଇଁ ଏକ ଖୋଲା କୁଅର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକିଯେ, ୨/୩ ବର୍ଷ ପରେ ଗାଁର ଏକମାତ୍ର ପାନୀୟ ଓ ଘରୋଇ ବ୍ୟବହାର ପାଇଁ ଥିବା ଖୋଲା କୁଅଟି ଶୁଖିଗଲା । ଫଳରେ ଲୋକମାନେ ଗାଁ ପାଖରେ ଥିବା ନଦୀ ନାଳ ଉପରେ ନିର୍ଭର କରି ମଇଳା ପାଣିକୁ ନିଜର ପିଇବା ଓ ଘରୋଇ ବ୍ୟବହାର କଲେ । ଭଲ ପିଇବା ପାଣି ମୁନ୍ଦାଏ ପାଇବା ପାଇଁ ସେମାନେ ସରପଞ୍ଚ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକଙ୍କ ପାଖରେ ଆପତି ଅଭିଯୋଗ କଲେ ନଳକୁଅ ଟିଏ ପାଇଁ । ଅଥଚ ଗ୍ରାମବାସୀଙ୍କର ବାରମ୍ବାର ଆବେଦନ ହାରି ଗୁହାରି କେହି ଶୁଣିଲେ ନାହିଁ କି ତେନ୍ତୁଳିପଦର ଗାଁରେ ନଳକୁଅଟିଏ ହୋଇପାରିଲା ନାହିଁ ।

ଗତ ତା ୨୦.୫.୨୦୧୫ ରିଖ ରେ ସ୍ଥାନୀୟ ଲୋକ ସଙ୍ଗଠନ ଆଦିମ ଅଧିବାସୀ ଏକତା ମଞ୍ଚର ଏକ ବୈଠକ କର୍ମି ଅଶୋକ ନାଏକଙ୍କ ପ୍ରତିନିଧିତ୍ୱରେ ହୋଇଥିଲା । ଉକ୍ତ ବୈଠକରେ ତେନ୍ତୁଳିପଦର ଗ୍ରାମବାସୀମାନେ ଗାଁର ସମସ୍ୟା ବିଷୟରେ ଆଲୋଚନା କରିବା ବେଳେ ପିଇବା ପାଣି ସମସ୍ୟା କଥା ଉଠିଲା । ଗାଁଟି ସ୍ଥାନୀୟ ଆଦିମ ଅଧିବାସୀ ଏକତା ମଞ୍ଚର ସଦସ୍ୟ ଭାବେ ଆଗରୁ ନଥିଲେ । ତେଣୁ ସଙ୍ଗଠନର କର୍ମୀ ଅଶୋକ ସଙ୍ଗଠନର ଉପକାରିତା ବୁଝାଇଲା ପରେ ଗାଁ ଲୋକଙ୍କର ଆଗ୍ରହ ସୃଷ୍ଟି ହେଲା । ସେମାନେ ସମସ୍ତେ ପରିବାର ପିଛା ଟ.୧୦.୦୦ ଲେଖାଏଁ ଦେଇ ନିଜର ନାମ ପଂଜିକରଣ କରି ସଙ୍ଗଠନ ସହ ସାମିଲ ହେଲେ । ଏବଂ ସଙ୍ଗଠନର ଚିହ୍ନ ବ୍ୟାଚ ଗୋଟିଏ ଲେଖାଁଏ ନେଲେ । ଗାଁର ଉନ୍ନତି ପାଇଁ କୌଣସି କମିଟି ନ ଥିବାରୁ ଶ୍ରୀ ନିରଞ୍ଜନ କହଁରଙ୍କ ନେତୃତ୍ୱରେ କୁଶ ନାଏକ, ବନବାସୀ କହଁର, ତ୍ରୀପୁରା କହଁର, ଭଗବତି ତାଣ୍ଡିଆ, କୁମାରୀ ପ୍ରଧାନ, ସଞ୍ଜୁ ପାତ୍ର ଙ୍କୁ ନେଇ ଏକ ଗ୍ରାମ କମିଟି ଗଠନ କରାଯାଇ ଗାଁ ପାଇଁ ଯୋଜନା ପ୍ରସ୍ତୁତ କଲେ । ଉକ୍ତ ଯୋଜନା ଅନୁସାରେ ଗାଁର ପାନୀୟ ଜଳ ସମସ୍ୟାର ସବୁଦନିଆ ସମାଧାନ ପାଇଁ ଗ୍ରାମ କମିଟିର ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ସ୍ଥାନୀୟ ହରଭଙ୍ଗା ବ୍ଲକ ବି.ଡି.ଓ.ଙ୍କ ପାଖରେ ତା ୨୪.୫.୨୦୧୫ ରିଖ ଦିନ ଏକ ଦରଖାସ୍ତ ଧରି ପହଞ୍ଚିଲେ । ସମସ୍ତ ପ୍ରତିନିଧି ମଣ୍ଡଳି ନିଜ ନିଜ ସଙ୍ଗଠନର ବ୍ୟାଚ ପିନ୍ଧିଥିଲେ । ବ୍ୟାଚ ଦେଖି ବି.ଡି.ଓ. ଲୋକମାନଙ୍କ ସହ ସଙ୍ଗଠନ ବିଷୟରେ ଆଲୋଚନା କରିବାସହ ପାନୀୟ ଜଳ ସମସ୍ୟାର ସମାଧାନ କରିବା ପାଇଁ ଦରଖାସ୍ତଟିକୁ ଗ୍ରହଣ କରିଥିଲେ । ବି.ଡି.ଓ. ଲୋକମାନଙ୍କୁ ନିର୍ଭର ପ୍ରତିଶୃତି ଦେଇ କହିଲେ, ଆସନ୍ତା କାଲିଠାରୁ ଗାଁକୁ ଟ୍ୟାଙ୍କରରେ ପାଣି ଦେବାର ବ୍ୟବସ୍ଥା କରୁଛି, ଏବଂ ଆସନ୍ତା ୪ ଦିନ ଭିତରେ ନଳକୂଅ ଗାଡି ଗାଁକୁ ପଠାଇବାର ବ୍ୟବାସ୍ଥା କରୁଛି । ତା ପର ଦିନ ଅର୍ଥାତ୍ ୨୫ ତାରିଖ ଠାରୁ ଗାଁକୁ ଟ୍ୟାଙ୍କରରେ ପାଣି ଆସିବା ସହ ତା ୨୮.୫.୧୫ ରିଖ ଦିନ ନଳକୁଅ ଖୋଳାଇବା ପାଇଁ ଗାଁକୁ ଗାଡି ପହଂଚିଗଲା । କିନ୍ତୁ ୪/୫ ଜାଗାରେ ଖୋଳିଲାପରେ ପଥର ପଡିବାରୁ ନଳକୁଅ ଖୋଳାଳିମାନେ କାମ ବନ୍ଦ କରିବାପାଇଁ ବାହାରିଥିଲେ । ଏହାପରେ ସଙ୍ଗଠନର ଚାପ ପଡିବାରୁ ନିଜେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ହରଭଙ୍ଗାର କନିଷ୍ଠ ଯନ୍ତ୍ରୀ-୧ ଉପସ୍ଥିତ ରହି ନଳକୁଅ ଖୋଳାଇଲେ । ଏବେ ଗାଁରେ ପାନୀୟ ଜଳ କଥା ପଚାରିଲେ ଆମ ସଙ୍ଗଠନ ଆଦିମ ଅଧିବାସୀ ଏକତା ମଞ୍ଚ ଆମ ମାନ ରଖିଲା ଏବଂ ଆମ ଗାଁର ପାନୀୟ ଜଳ ସମସ୍ୟାକୁ ସବୁଦିନ ପାଇଁ ଦୂରେଇ ଦେଲା ବୋଲି ହସି ହସି କହନ୍ତି ଗାଁର ସଭାପତି ନିରଞ୍ଜନ କହଁର ।

ଆଦିମ ଅଧିବାସୀ ଏକତା ମଞ୍ଚ, ମାଧପୁର ବୌଦ୍ଧ




ସ୍ୱତନ୍ତ୍ର ଓଡ଼ିଶା ଖାଦ୍ୟ ନିରାପତ୍ତା ଆଇନ୍ ଦାବୀ ସମ୍ପର୍କରେ ରାଜନୈତିକ ନେତୃବୃନ୍ଦଙ୍କ ସହିତ ଆଲୋଚନା ।

ସଦସ୍ୟ ସଙ୍ଗଠନ- ଜନଶକ୍ତି ସଂଗଠନ, ସମ୍ବଲପୁର ।

# ଆଇନର ଜଞ୍ଜୀରରେ ଆଦିବାସୀ

ମୃତ୍ୟୁଞ୍ଜୟ ସାହୁ

ମଣିଷକୁ ଶୃଙ୍ଖଳିତ କରି ସମାଜରେ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଆଇନ ଆମକୁ ସାହାଯ୍ୟ କରିଥାଏ । କାହିଁ କେଉଁ କାଳରୁ କେବଳ ମଣିଷ ନୁହେଁ ଅନ୍ୟାନ୍ୟ ପଶୁପକ୍ଷୀମାନେ ମଧ୍ୟ ବଂଚି ରହିବା ପାଇଁ କେତେକ ଅଲିଖିତ ଆଇନକୁ ମାନି ଚଳି ଆସୁଛନ୍ତି । ପୁରାତନ ଯୁଗରେ ମଣିଷ ଯେତେବେଳେ ବଣ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରୁଥିଲା, ନିଜ ପାଇଁ ଖାଦ୍ୟ ଯୋଗାଡ କରୁଥିଲା, ଶିକାର କରି ନିଜ ମଧ୍ୟରେ ଜଙ୍ଗଲ ଜୀବଜନ୍ତୁଙ୍କ ମାଂସକୁ ଭାଗବଂଟା କରୁଥିଲା ସେତେବେଳେ ନିଜର ସ୍ୱଘୋଷିତ ନିୟମରେ ସେମାନେ ପରସ୍ପରକୁ ସାହଯ୍ୟ କରିବା ସହ ବନ୍ୟ ଜୀବ ଜନ୍ତୁ ମାଂସ ଭାଗବଂଟା ବା ଆସନ୍ନ ବିପଦକୁ ସମ୍ନା କରିବା ପାଇଁ ସେମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଏକତା ଆଜିର ମାନବ ସମାଜ ପାଇଁ ସାତ ସପନ ହୋଇଯାଇଛି । ଅନ୍ୟର ଦୁଃଖ ସୁଖରେ ସହଭାଗି ହେବା ପରିବର୍ତେ ଅନ୍ୟ ମାନଙ୍କୁ କରାୟତ ଓ ବଶୀଭୁତ କରି ସେମାନଙ୍କୁ କିପରି ନିଜର ସ୍ୱାର୍ଥ ହାସଲ ଦିଗରେ ବ୍ୟବହାର କରାଯାଇପାରିବ , ସେହି କଳା ଓ କୌଶଳ ଏହି ଆଧୁନିକ ଯୁଗର ମଣିଷ ଠାରୁ କିଏବା ଅଧିକ ଜାଣିପାରେ । ତଥାପି ବଞ୍ଚି ରହିବା ପାଇଁ ଆମକୁ ନିୟମ କାନୁନ ମାନି ଚଳିବାକୁ ପଡିବ । ସ୍ୱାଧିନତା ପରେ ସ୍ୱାଧିନ ଭାବରେ ଆମ୍ଭେମାନେ ବଞ୍ଚିରହିବା ପାଇଁ , ସ୍ୱାଧିନ ମତ ବ୍ୟକ୍ତ କରିବା ପାଇଁ , ନିଜର ଅଧିକାରକୁ ଉପଭୋଗ କରିବା ପାଇଁ ଏବଂ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ପାଳନ କରିବା ପାଇଁ ଆମ ଦେଶରେ ଅନେକ ଆଇନ ପ୍ରଣୀତ ହୋଇଅଛି । ପର୍ଯ୍ୟାୟକ୍ରମେ ଲୋକଙ୍କ ଆବଶ୍ୟକତାକୁ ଅନୁଭବ କରି ଭିନ୍ନ ଭିନ୍ନ ଆଇନ ପ୍ରଣୀତ ହୋଇଅଛି । ମହତ ଉଦ୍ଦେଶ୍ୟରେ ପ୍ରଣୀତ ହୋଇଥିବା ଏହି ଆଇନ ବାସ୍ତବରେ ଆଦିବାସୀ ଓ ବନବାସୀଙ୍କ ପାଇଁ କେତେ ଯେ ସୁଫଳ ଆଣି ଦେଇଛି ତାକୁ ତର୍ଜମା କରିବାର ସମୟ ଆସିଛି ।

ଅନୁସୁଚିତ ଜନଜାତି ଓ ପାରମ୍ପାରିକ ବନବାସୀଙ୍କ ବନାଧିକାର ସ୍ୱୀକୃତି ଆଇନ - ୨୦୦୫ ବାସ୍ତବରେ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପାରିକ ବନବାସୀ ମାନଙ୍କ ପାଇଁ ଆଣିଦେଇଥିଲା ଅନେକ ସମ୍ଭାବନା । ପିଢି ପିଢି ଧରି ଯେଉଁ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପାରିକ ବନବାସୀମାନେ ଜଙ୍ଗଲ ଜମି ଚାଷ କରି ସେମାନଙ୍କର ଜୀବନ ଜୀବିକା ନିର୍ବାହ କରୁଥିଲେ ବଣ ଜଙ୍ଗଲର ଫଳ ମୂଳ , କନ୍ଦା ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟକୁ ଖାଦ୍ୟ ରୁପେ ଗ୍ରହଣ କରୁଥିଲେ ଏବଂ ବଣ ଜଙ୍ଗଲ ଘେରା ପ୍ରାକୃତିକ ପରିବେଶରେ ଅନ୍ୟ ଜୀବ ଜନ୍ତୁଙ୍କ ସହ ଏକତ୍ର ସହାବସ୍ଥାନ କରୁଥିଲେ ସେମାନଙ୍କର ଜୀବନ ଶୈଳୀ ଥିଲା ନିଆରା । ମାତ୍ର ପରବର୍ତି ମୁହୁର୍ତରେ ସ୍ୱାଧିନ ଭାବରେ ପ୍ରଶାସକ ଓ ରାଜନେତା ମାନେ ସେମାନଙ୍କର ଏହି ଢଙ୍ଗରେ ବଂଚିବା ଶୈଳୀକୁ ହଜମ କରିପାରୁ ନଥିଲେ । ସେମାନଙ୍କୁ ମୂଖ୍ୟ ସ୍ରୋତକୁ ଆଣିବାର ପ୍ରୟାସ ଆରମ୍ଭ ହେଲା । ଦୁର୍ଗମ ଜଙ୍ଗଲରେ ଥିବା ଲୋକମାନଙ୍କୁ ସେମାନଙ୍କର ଭିଟାମାଟି ଛାଡି ଗମନା ଗମନର ଶିକ୍ଷା, ସ୍ୱାସ୍ଥ୍ୟ ସେବା ପହଂଚୁଥିବା ଅଂଚଳକୁ ଆଣି ଥଇଥାନ କରିବାର ପ୍ରୟାସ ଆରମ୍ଭ ହେଲା.ସେଠାରେ ସେମାନେ ଚଳିବା ପାଇଁ କିଛି ଜମି , କୃଷି ଉପକରଣ, ଅର୍ଥିକ ସହାୟତା ଓ ଋଣ ମଧ୍ୟ ଯୋଗାଇ ଦିଆଗଲା ।

ସେହିପରି ସରକାରୀ ସାହାଯ୍ୟ ପାଇଥିବା ଏକ ଗାଁ ମାଧପୁର କଲୋନୀ ସାହି । ବୌଦ୍ଧ ଜିଲ୍ଲା ସଦର ମହକୁମା ଠାରୁ ୫୬ କି.ମି. ଦୂର ହରଭଙ୍ଗା ବ୍ଲକ ଅର୍ନ୍ତଗତ ଆଡେଣିଗଡ ପଞ୍ଚାୟତର ଏହି ଗାଁକୁ ୧୯୫୬ ମସିହାରେ ବିଭିନ୍ନ ଦୁର୍ଗମ ଓ ଗମନାଗମନ ବିଚ୍ଛିନ୍ନ ଅଂଚଳରୁ ୪୦ ଗୋଟି ଗରିବ ଆଦିବାସୀ ପରିବାରକୁ ନେଇ ମାଧପୁର ରାଜସ୍ୱ ଗ୍ରାମରେ ଗଢି ଉଠିଥିଲା ମାଧପୁର କଲୋନୀ ସାହି । ପ୍ରତ୍ୟେକ ପରିବାରକୁ ଖଣ୍ଡେ ଘର , ପାଞ୍ଚ ଏକର ଜଙ୍ଗଲ ଜମି , ଗୋଟିଏ ହଳ ଓ ଚାଷ ଉପକରଣ ଆଦି ଯୋଗାଇ ଦିଆଯାଇଥିଲା । ଉକ୍ତ ଜମି ଗୁଡିକ ଜଙ୍ଗଲ କିସମ ଥିବାରୁ ସେମାନଙ୍କୁ କୌଣସି ସତ୍ୱ ଅଧିକାର ଦିଆଗଲା ନାହିଁ । ଦୀର୍ଘ ବର୍ଷର ଆନ୍ଦୋଳନ ଏପରିକି ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓଡିଶାଙ୍କ ନିର୍ଦ୍ଦେଶ ସତ୍ୱେ, ସ୍ଥାନୀୟ ଅଧୀବାସୀଙ୍କ ଜଙ୍ଗଲ ଜମିର ସତ୍ୱ ନପାଇବା ଜନ ସାଧାରଣଙ୍କୁ ହତୋତ୍ସାହିତ କରୁଅଛି । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପ୍ରତି ଏତାଦୃଶ ବେପରୁଆ ଓ ଖାମଖିଆଲି ମନୋଭାବ ବାସ୍ତବରେ କାର୍ଯ୍ୟପାଳିକା ଓ ନ୍ୟାୟ ପାଳିକା ମଧ୍ୟରେ ଥିବା ପ୍ରଭେଦକୁ ପ୍ରତିଫଳିତ କରୁଅଛି । ପରବର୍ତୀ ମୁହୁର୍ତରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ଅନୁସୁଚିତ ଜନଜାତି ଓ ପାରମ୍ପାରିକ ବନବାସୀଙ୍କ ବନାଧିକାର ସ୍ୱୀକୃତି ଆଇନ - ୨୦୦୫ ଆଦିବାସୀଙ୍କୁ ଜଙ୍ଗଲ ଜମିର ସତ୍ୱ ପ୍ରଦାନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ଐତିହାସିକ ଆଇନ ଭାବେ ପ୍ରତିତ ହୁଏ । ୨୦୦୬ ମସିହାରୁ ଆରମ୍ଭ ହୁଏ ଉକ୍ତ ଆଇନ ବଳରେ ଜଙ୍ଗଲ ଜମି ସତ୍ୱ ପ୍ରାପ୍ତି ନିମିତ ଆବେଦନ ପତ୍ର । ପ୍ରତ୍ୟେକ ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟିର ମଞ୍ଜୁରି ପରେ ସଂପୃକ୍ତ ଉପଖଣ୍ଡ ସ୍ତରୀୟ ଜଙ୍ଗଲ ଅଧିକାର କମିଟିକୁ ଦାବୀଦାର ମାନଙ୍କ ବ୍ୟକ୍ତିଗତ ଓ ଗୋଷ୍ଠିଗତ ଅଧରକାର ଫର୍ମ ପଠାଇ ଦିଆଯାଏ । ମାତ୍ର ଉପଖଣ୍ଡ ସ୍ତରୀୟ ଜଙ୍ଗଲ ଅଧିକାର କମିଟିର ଅସାବଧାନତା ଓ ଆଦିବାସୀ ସ୍ୱାର୍ଥ ରକ୍ଷା ପାଇଁ ଉଦାସିନତା ମନୋଭାବ ପୋଷଣ ପାଇଁ ବୌଦ୍ଧ ଜିଲ୍ଲାରେ ଜଙ୍ଗଲ ଜମିର ଚିହ୍ନଟ ଓ ସତ୍ୱ ପ୍ରଦାନ ଏକ ପ୍ରକାର ବନ୍ଦ ହୋଇ ଯାଇଛି । ଦାବୀଦାର ମାନଙ୍କ ଫର୍ମ ଗୁଡିକ ସମ୍ପୃକ୍ତ କାର୍ଯ୍ୟାଳୟରେ ବାରମ୍ବାର ହଜିଜିବା ଏବଂ ଆଦିବାସୀଙ୍କ ପ୍ରତି ସାମାନ୍ୟତମ ଗୁରୁତ୍ୱ ଦିଆ ନ ଯିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ଜମିର ପଟ୍ଟା ପାଇବା ପାଇଁ ସମ୍ପୃକ୍ତ ଅଂଚଳର ଲୋକେ ବାରମ୍ବାର ବିଭିନ୍ନ କାଯ୍ୟାଳୟକୁ ଧାଇଁ ଧାଇଁ ବିରକ୍ତସ୍ତ ହୋଇସାରିଲେଣି । ଜଙ୍ଗଲ ଅଧିକାର ଅଇନ ଆସିଲା ପରେ ନିଜର ଘର ଡିହ ଓ ଚାଷ ଜମି ନିଜ ନାମରେ ହୋଇଯିବ ବୋଲି ଖୁସିରେ କୁରୁଳି ଉଠୁଥିବା ଏହି ଲୋକ ମାନଙ୍କ ମନରେ ଆଉ ଖୁସି ନାହିଁ , ସତେ ଯେପରି ଏହି ଆଇନରେ ସେମାନଙ୍କ ପାଇଁ କିଛି ବି ସମ୍ଭାବନା ନାହିଁ ।

ଏହି ନିକଟ ଅତୀତରେ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ହୋଇଛି ଏକ ନୁତନ ଲୋକାଭିମୁଖୀ ଆଇନ ଯାହାକି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ - ୨୦୧୫ ନାମରେ ନାମିତ । ଗରିବ, ଅସହାୟ. ଆର୍ଥୀକ ଅନଗ୍ରସର, ବିଧବା ତଥା କୁପୋଷଣର ଶିକାର ହୋଇଥିବା ଲୋକଙ୍କ ମୁହଁରେ ଆହାର ଯୋଗାଇବା ଉକ୍ତ ଆଇନର ପ୍ରମୂଖ ଉଦ୍ଦେଶ୍ୟ ଅଟେ । ଦେଶରେ ଖାଦ୍ୟ ଅଭାବରୁ କେହି ମରିବେ ନାହିଁ କି କୁପୋଷଣରେ କେହି ମରିବେ ନାହିଁ ବୋଲି ଦିଆଯାଇଥିବା ଦୃଢୋକ୍ତି ପ୍ରହେଳିକାରେ ପରିଣତ ହୋଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ - ୨୦୧୫ ଅନଯାୟୀ ଉଭୟ ଗ୍ରାମମାଞ୍ଚଳ ଓ ସହରାଞ୍ଚଳରେ ଲୋକମାନଙ୍କୁ ଆବେଦନ କରିବାର ସୌଭାଗ୍ୟ ମିଳିଥିଲା । ମାତ୍ର ସରକାରୀ ପଦାଧିକାରୀ ମାନଙ୍କ ଅପରିଣାମଦର୍ଶୀ ଯାଞ୍ଚ ପ୍ରକ୍ରିୟାରେ ହଜାର ହଜାର ହିତାଧିକାରି ବାଦପଡିଛନ୍ତି । ଅପର ପକ୍ଷେ ରାଜନୈତିକ ଅଭିସନ୍ଧି ରଖି କିଛି ଅଯୋଗ୍ୟ ହିତାଧିକାରି ମାସ ମାସ ଧରି ଖାଦ୍ୟ ସାମଗ୍ରୀ ଗ୍ରହଣ କରୁଥିବା ନଜରକୁ ଆସିଛି । କେଉଁଠି ନିଜର ବିବାହିତ

ଅବଶିଷ୍ଟାଂଶ ପୃଷ୍ଠା ୯ରେ......

# ପୋଡାପଥର ଗ୍ରାମବାସୀ ଗାଁକୁ ଆଣିଲେ ପାନୀୟ ଜଳ

କଲ୍ୟାଣୀ ଦାସ

ମାତ୍ର ୩୫ ଗୋଟି ଆଦିବାସୀ ପରିବାରକୁ ନେଇ ପୋଡାପଥର ଗାଁଟି ସୁନ୍ଦରଗଡ ଜିଲ୍ଲାର ହେମଗିରି ବ୍ଲକରେ ଅବସ୍ଥିତ । ସ୍ଥାନୀୟ ଲୋକ ସଙ୍ଗଠନ ସଂଗ୍ରାମ ସମିତି ଏହି ଗାଁରେ ଉନ୍ନତି ମୂଳକ କାର୍ଯ୍ୟକ୍ରମମାନ କରିବା ପାଇଁ ୧୧ ଜଣ ଅଗ୍ରଣୀ ମହିଳା ମାନଙ୍କୁ ନେଇ ଗଠନ କରିଛି ଏକ ମହିଳା ସମିତି, ଯେଉଁମାନେ ଗାଁର ଉନ୍ନତି ପାଇଁ ସବୁବେଳେ ଅଣ୍ଟାଭିଡି ବାହରନ୍ତି । ଅନ୍ୟ ସବୁ ଅଦିବାସୀ ଗାଁ ଭଳି ପୋଡାପଥର ଗାଁଟି ମଧ୍ୟ ସବୁବେଳେ ପିଇବା ପାଣିର ସମସ୍ୟା ସହିତ ଯୁଝୁ ଥାଏ । ଗାଁରେ ୨ଟି ନଳକୂଅ ଥିଲେ ମଧ୍ୟ ତାହା ପାନୀୟ ଉପଯୋଗୀ ହୋଇ ନଥାଏ । ନଳକୂଅରୁ ସବୁବେଳେ ମଇଳା ଓ ତେଲିଆ ପାଣି ବାହାରେ । ତେଣୁ ଲୋକମାନେ ନଳକୁଅ ମୁହଁରେ କପଡା ଦେଇ ପାଣି ବାହାର କରି ଘରକୁ ନିଅନ୍ତି । କଲ୍ୟାଣି ଅପାଙ୍କ ଉଦ୍ୟମରେ ଗଠିତ ଗ୍ରାମ୍ୟ ବୈଠକରେ ପିଇବା ପାଣିର ଦୀର୍ଘ ଦିନର ସମସ୍ୟା ବିଷୟରେ ଆଲୋଚନା କରାଗଲା ।

ତା ୨୮.୧୦.୨୦୧୫ରିଖ ଦିନ ପୋଡାପଥର ଗାଁର ଏକ ପ୍ରତିନିଧି ଦଳ ସ୍ଥାନୀୟ ହେମଗିରି ବ୍ଲକ ବି.ଡି.ଓ.ଙ୍କୁ ଓ ହେମଗିରି ଗ୍ର. ପ. ର ସରପଞ୍ଚଙ୍କୁ ସାକ୍ଷାତ କରି ପାନୀୟ ଜଳ ସମସ୍ୟା ବିଷୟରେ ଅବଗତ କରାଇଲେ । ଏବଂ ଏକ ନୂଆ ନଳକୁଅ ପାଇଁ ଦାବୀ ପତ୍ର ପ୍ରଦାନ କଲେ । ଏହାପରେ ଦୁଇ ମାସ ବିତି ଗଲା, କିନ୍ତୁ ବ୍ଲକ ବା ଗ୍ରା.ପ. ପ୍ରଶାସନ ତରଫରୁ କୌଣସି ଉତର ପୋଡାପଥର ଗ୍ରାମବାସୀଙ୍କୁ ମିଳିଲା ନାହିଁ । ଗ୍ରମବାସୀମାନେ ପୁଣିଥରେ ତା ୫.୧.୨୦୧୬ ରିଖ ଦିନ ଏବଂ ଆଉଥରେ ତା ୨୭.୧.୨୦୧୬ ରିଖ ଦିନ ପ୍ରଶାସନକୁ ଦରଖାସ୍ତ ଦେଇ ନିଜ ପାନୀୟ ଜଳର ସମସ୍ୟା କଥା ପଚାରିଲେ ମଧ୍ୟ କୌଣସି ଉତ୍ତର ପାଇଲେ ନାହିଁ । ଶେଷରେ ପୋଡାପଥର ଗ୍ରାମବାସୀମାନେ ତା ୯.୨.୨୦୧୬ ରିଖ ଦିନ ହେମଗିରି ଗ୍ରା. ପ. ଅଫିସ ଘେରାଉ କଲେ । ଶେଷରେ ବାଧ୍ୟ ହୋଇ ପଂଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ଏକ ଲିଖିତ ପ୍ରତିଶୃତି ଦେଲେଯେ ଆସନ୍ତା କାଲି ଅର୍ଥାତ ତା ୧୦.୨.୨୦୧୬ ରିଖ ଦିନ ଏହି ପାଣି ସମସ୍ୟାର ସମାଧାନ କରିଦେବେ । କାର୍ଯ୍ୟନିର୍ବାହୀ ଅଧିକାରୀ ତା ୧୦.୨.୨୦୧୬ ରିଖ ଦିନ କିଛି ବ୍ଲିଚିଂ ପାଉଡର ଆଣି ନଳକୂଅରେ ପକାଇ ବିଶୋଧନ କରିବାକୁ ଚେଷ୍ଟା କଲେ । କିନ୍ତୁ କିଛି ଫଳ ହେଲାନାହିଁ । ଶେଷରେ ଗ୍ରାମର ନାରୀ ନେତ୍ରୀ ଶ୍ରୀମତି ସୁରବତୀ କିଷାନ ସୁଚନା ଅଧିକାର ଆଇନର ଆଶ୍ରୟ ନେଲେ ।

ସୁଚନା ଅଧିକାର ଆଇନ ଅନୁସାରେ ତା ୧୮.୦୪.୨୦୧୬ ରିଖ ଦିନ ଶ୍ରୀମତି କିଷାନ ତିନିଗୋଟି ପ୍ରଶ୍ନ ଗ୍ରାମ ପଞ୍ଚାୟତକୁ ପଚାରିଲେ । ତାଙ୍କ ପ୍ରଶ୍ନରେ ସେ କହିଲେ ଯେ, ଗ୍ରାମ ପଂଚାୟତ ଦ୍ୱାରା ପୋଡାପଥର ଗାଁ କୁ ପାନୀୟ ଜଳ ଯୋଗାଇ ଦେବାପାଇଁ କି କି ପଦକ୍ଷେପ ନିଆଯାଇଛି ? କେଉଁ ମାସରେ ଜଳ ସମସ୍ୟା ଦୂର ହୋଇପାରିବ ? ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ ସମୟରେ ଦେଇଥିବା ପ୍ରତିଶୃତି ପାଇଁ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କି ପ୍ରକାର ପଦକ୍ଷେପ ନେଇଛନ୍ତି । ସୁଚନା ଅଧିକାର ଦରଖାସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ତୁରନ୍ତ ତା ୬.୫.୨୦୧୬ ରିଖ ଦିନ ଟ୍ୟାଙ୍କରରେ ପାଣି ଦେବାର ବନ୍ଦୋବସ୍ତ କଲେ । ତାପରେ ପୁଣି ଏକ ନଳକୁଅର ବ୍ୟବସ୍ଥା କଲେ । ଫଳରେ ପୋଡାପଥର ଗ୍ରାମବାସୀଙ୍କର ଦୀର୍ଘ ଦିନର ଲଢେଇ ସଫଳ ହେଲା ।

ପୃଷ୍ଠା ୮ର ଅବଶିଷ୍ଟାଂଶ......

ପୁଅ ପାଇଁ ନିଜ ଛୋଟ ଘରଟିରେ ବାଡ ପକାଇ ଥିବା ଘରକୁ ୩ ବଖରା କହି ବାଦଦେଇଛନ୍ତିତ ଆଉ କେଉଁଠି ଗୁହାଳ ଘରକୁ ୩ ବଖରାରେ ମିଶାଇ ଦେଇଛନ୍ତି । କେତେକ ଆଦିବାସୀଙ୍କ ପାଖରେ ୫ ଏକରରୁ ଅଧିକ ଜମି ଥିଲେ ମଧ୍ୟ ଚାଷ ଉପଯୋଗୀ ହୋଇ ନଥିବାରୁ ତାହା ୫ ମାସର ଖାଦ୍ୟ ଆବଶ୍ୟକତାକୁ ମେଣ୍ଟାଇ ପାରେ ନାହିଁ । ଫଳରେ ବିଚରା ଗରିବ, ଆଦିବାସୀ, ଦଳିତ ଲୋକଟି ହିତାଧିକାରି ତାଲିକାରୁ ବାଦପଡିଛି । ଏସବୁ କରି ସରକାରୀ ବାବୁମାନେ ସେମାନଙ୍କର କାର୍ଯ୍ୟ ଦକ୍ଷତାର ପ୍ରମାଣ ଦେଇଥାନ୍ତି ଏବଂ ଉଚ୍ଚ ପଦସ୍ଥ ଅଧିକାରିଙ୍କ ଠାରୁ ସାବସୀ ପାଇଥାନ୍ତି ।

ଖାଦ୍ୟ ସୁରକ୍ଷାକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବାହାବା ନେଉଥିବା ବେଳେ ଓଡିଶାର ନଗଡା ଭଳି ଶହ ଶହ ଗାଁରେ ଶିଶୁ ଶ୍ରମିକ ମଡକ ଦାରିଦ୍ର୍ୟ, ଅପପୁଷ୍ଟି ଓ ଅନାହାରର ବିଭତ୍ସ କରୁଣ ଚିତ୍ରକୁ ପ୍ରତିଫଳିତ କରିଛି । ପ୍ରତ୍ୟେକ ଜିଲ୍ଲାରେ ପୁଷ୍ଟିହୀନ ଶିଶୁଙ୍କୁ ଚିକିତ୍ସା ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଣ ପାଇଁ ପୁଷ୍ଟି ସାଧାନ କେନ୍ଦ୍ର ର ବ୍ୟବସ୍ଥା ହୋଇଥିଲେ ମଧ୍ୟ ପୁଷ୍ଟିହୀନତା ନିରାକରଣରେ କୌଣସି ଠୋସ ସୁଫଳ ମିଳୁନାହିଁ । ଅପରପକ୍ଷରେ ଗ୍ରାମାଞ୍ଚଳର ରୋଜଗାରକୁ ସୁନିଶ୍ଚିତ କରିବାର ଯୋଜନା ମହାତ୍ମା ଗାନ୍ଧୀ ନରେଗା ରୋଜଗାର ଯୋଗାଇବାରେ ବିଫଳ ଏହାର ସ୍ୱଷ୍ଟ ନଗ୍ନ ଚିତ୍ର ଦେଖିବାକୁ ମିଳୁଛି । ମାସ ମାସ ଧରି ମଜୁରି ପାଇବାରୁ ଶ୍ରମିକ ମାନେ ବଞ୍ଚିତ ହେଉଥିବାର ଶହ ଶହ ଉଦାହରଣ ପ୍ରତ୍ୟେକ ଗ୍ରାମରେ ରହିଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ କନ୍ଧମାଳର ଗୁମୁଡୁମାହା , ଯେଉଁଠାରେ ସାମାନ୍ୟ ପୋଲିସ ସବୁ ପ୍ରକାର ନିୟମ କାନୁନକୁ ଭୁଲିଯାଇ ମନରେଗା ଶ୍ରମିକ ମାନଙ୍କୁ ପୋକମାଛି ପରି ମାରିଦେଲା । କାଶୀପୁରର ମାଇକଂଚ ଠାରୁ ଆରମ୍ଭକରି ଯାଜପୁରର କଳିଙ୍ଗ ନଗର ଓ ନିସାନଗୁଡା , ଗୁମୁଡୁମାହା ଭଳି ଆଦିବାସୀ ମାରଣ ନୀତିକୁ ଦେଖିଲେ ମନେ ହୁଏଯେ, ପ୍ରକୃତରେ ଆଦିବାସୀମାନଙ୍କର ଜୀବନର ମୂଲ୍ୟ କେତେ ? ସରକାର ଆଦିବାସୀଙ୍କ ପ୍ରତି କେତେ ଉଦାସୀନ ତାହା ସହଜରେ ଜଣାପଡେ । ନିଜର ହକ ଅଧିକାର ପାଇଁ ଲଢେଇ କରିବା ଏପରିକି ସାଧାରଣ ଭାବେ ଜୀବନ ଯାପନ କରୁଥିବା ଲୋକଙ୍କ ପାଇଁ ସରକାର କଣ ତାଙ୍କର ନୈତିକ କର୍ତବ୍ୟ ଭୁଲିନାହାନ୍ତିକି ?

ଆଇନର ସଠିକ ପରିଚାଳନା ସମସ୍ତ ଅଧିବାସୀଙ୍କ ସ୍ୱାର୍ଥ ରକ୍ଷା ଓ ବିକାଶ ପାଇଁ ଉଦିଷ୍ଟ । ଆଦିବାସୀଙ୍କୁ ମୂଖ୍ୟ ସ୍ରୋତକୁ ଆଣିବା ପାଇଁ ସରକାରୀ ଯୋଜନାର ସଫଳ ରୁପାୟନ ଓ ସୁପରିଚାଳନା ପ୍ରଶାସନିକ ଅଧିକାରୀ ଓ ରାଜନେତା ମାନଙ୍କ ଇଚ୍ଛାଶକ୍ତିରେ ସୁଧାର ଆଣିବା ଅବଶ୍ୟକ ନଚେତ୍ ଆଦିବାସୀଙ୍କ ଉନ୍ନତି ଯେଉଁ ତିମିରେକୁ ସେହି ତିମିରେ ହୋଇ ରହିଯିବ ।

ଆଦିମ ଅଧିବାସୀ ଏକତା ମଞ୍ଚ ।

**ଘରେ ଘରେ କର ପାଇଖାନା, ବାହାରେ ଝାଡ଼ା ଯିବା ମନା ।**

ସଦସ୍ୟ ସଙ୍ଗଠନ- ଲୋକ ବିକାଶ ମଞ୍ଚ, କୋରାପୁଟ ।

# ସାକ୍ଷାତକାର -
# ଲୋକଙ୍କ କାମ କରିବାକୁ ବୟସ ମୋତେ ଡରାଇ ପାରିବନି ......

**ସପ୍ତେଶ୍ୱର ମଲ୍ଲିକ, ସଭାପତି ଜୀବିକା ସୁରକ୍ଷା ମଞ୍ଚ, କନ୍ଧମାଳ**

ଗୁମୁରିଖୋଲ । କନ୍ଧମାଳ ଜିଲ୍ଲା , ଖଜୁରିପଡା ବ୍ଲକର ଏକ ଉପାନ୍ତ ଅଞ୍ଚଳର ଛୋଟିଆ ଗାଁ ଟିଏ । ଗାଁଟି ଜଙ୍ଗଲ ପାହାଡ ଘେରା ଏକ ଖୋଲ ଭିତରେ ମୁଣ୍ଡ ଟେକି ଛିଡା ହୋଇଛି ବୋଲି ଗାଁର ନା ଗୁମୁରିଖୋଲ । ଏହି ଗାଁର ସଧାରଣ ମଣିଷଟିଏ ହେଲେ ସପ୍ତେଶ୍ୱର ମଲ୍ଲିକ । ଜାତିରେ ଆଦିବାସୀ (କନ୍ଧ) । ୫ ଫୁଟ ଉଚ୍ଚର ଏହି ମଣିଷଟି ପାଖରେ ପାହାଡଠୁଁ ଉଚ୍ଚ ଅଧିକ ସପ୍ନ । ସଫେଦ ଧଳା ସାଧା ସିଧା ପୋଷାକ ପିନ୍ଧିବାର ରୁଚି ରଖୁଥିବା ସପ୍ତେଶ୍ୱର ମଲ୍ଲିକ ସ୍ଥାନୀୟ ସଙ୍ଗଠନ ଜୀବିକା ସୁରକ୍ଷା ମଞ୍ଚର ଜିଲ୍ଲା ସଭାପତିର ଦାୟୀତ୍ୱ ନେବାପରେ ସାଙ୍ଗଠନିକ କାମରେ ଥକିପଡିବା କଥାକୁ ବିଶ୍ୱାସ କରନ୍ତି ନାହିଁ । ପରବର୍ତୀ ସମୟରେ ୨୦୧୨ ମସିହାରେ ଓଡିଶା ଶ୍ରମଜୀବୀ ମଞ୍ଚ (ଓ.ଶ୍ର.ମ.) ର ରାଜ୍ୟ ସ୍ତରୀୟ କମିଟିରେ ମଧ୍ୟ ପ୍ରତିନିଧିତ୍ୱ କରୁଛନ୍ତି । କେଉଁଠାରୁ ଫୋନ କଲଟିଏ ହେଉ କିମ୍ବା କେହି ଖବର ଦେଲେ ସେ ଧାଇଁ ଆସନ୍ତି ସଙ୍ଗଠନ କାମରେ । ଶାନ୍ତିପୂର୍ଣ୍ଣ ମାଧ୍ୟମରେ ରାଲି- ଧାରଣା ଓ ତର୍କ କରି ବେଆଇନ କାର୍ଯ୍ୟ କୁ କଡା ସମାଲୋଚନା କରନ୍ତି ସେ । ସରକାରୀ କଳ ଓ ବଳକୁ ବିକାଶମୁଖୀ କରାଇବା ନିମନ୍ତେ ଆହ୍ୱାନ ଦିଅନ୍ତି । ବୟସ ୫୫ ଛୁଇଁଲାଣି ତଥାପି ଖାତିର ନାହିଁ । ଲୋକଙ୍କ କାମ କରିବାକୁ ବୟସ ମୋତେ ଡରାଇ ପାରିବନି ବୋଲି କହନ୍ତି ଶ୍ରୀ ମଲ୍ଲିକ । ଲୋକଙ୍କୁ ସଙ୍ଗଠିତ କରି ବିକାଶ ଧାରାରେ ସାମିଲ କରିବା ବାଟରେ ଅନେକ ସକାଳ-ସଞ୍ଜ ଛୁଇଁଛି ତାଙ୍କ ଜୀବନରେ । ଶିକ୍ଷା, ଜଙ୍ଗଲ ସୁରକ୍ଷା ଓ କୃଷି କାର୍ଯ୍ୟକୁ ଭଲ ପାଉଥିବା ଶ୍ରୀ ସପ୍ତେଶ୍ୱର ମଲିକଙ୍କୁ ଓଡିଶା ଶ୍ରମଜୀବୀ ମଞ୍ଚର ପଞ୍ଚାନନ ପ୍ରଧାନ ଓ ଜୀବିକା ସୁରକ୍ଷା ମଞ୍ଚର ହରିଶ୍ଚନ୍ଦ୍ର ଦଳବେହେରା ସାକ୍ଷାତ କରିଥିଲେ ତାଙ୍କ ଆମ୍ବ ବଗିଚାରେ .............

ପଞ୍ଚାନନ ପ୍ରଧାନ- ଆଜ୍ଞା ନମସ୍କାର ।

ସପ୍ତେଶ୍ୱର ମଲିକ - ନମସ୍କାର ଜିନ୍ଦାବାଦ ।

ପ୍ରଶ୍ନ - ଆପଣ ଏ ସାଙ୍ଗଠନିକ କାମରେ କେବେଠାରୁ ସାମିଲ ହୋଇଛନ୍ତି ।

ଉତ୍ତର-ମୁଁ ଯେବେ ବୁଝିଲିଯେ, ଶିକ୍ଷା ଓ ସଙ୍ଗଠନ ବିନା ବିକାଶ ଅସମ୍ଭବ ସେବେଠାରୁ ମୁଁ ସଙ୍ଗଠନ କାମରେ ଅଛି । ମୁଁ ସବୁବେଳେ ଆମ ଲୋକମାନଙ୍କୁ କିପରି ଶିକ୍ଷିତ ହେବେ, ଅର୍ଥାତ ସବୁ କଥା ଜାଣିବେ ପାଠ ନ ଜାଣିଲେ କ ଣ ହେଲା ଯଦି ସବୁ କଥା ଜାଣି ପାରିବେ ତେବେ ସବୁଠାରେ ଜିଣି ପାରିବେ । ଏହାହିଁ ମୋର ଆମ ଅଞ୍ଚଳ ପାଇଁ ଲକ୍ଷ ।

ପ୍ର - ଆପଣଙ୍କ ଚାଷ ବାସ ଅଛି, ପରିବାର ଅଛନ୍ତି, ସମୟ ଅଭାବ ହେଉଥିବ ସଙ୍ଗଠନ ପାଇଁ ।

ଉ - ଇଛା ଥିଲେ ସମୟର ଅଭାବ ନାହିଁ । ଆମେ ତ ଆମ ଗାଁ ଅଞ୍ଚଳ ଛାଡି ଆଉ କୁଆଡେ କାମ କରିବାକୁ ଯାଉନାହୁଁ । ଆମ ସଙ୍ଗଠନ ଅଞ୍ଚଳରେ ଆମ ନିଜ ଲୋକଙ୍କ ପାଇଁ କାମ କରୁଛୁ । ସେଥିରେ ଯେଉଁ ଆନନ୍ଦ ଅଛି ତାହା ଆମ ପାଇଁ ସମୟ ତିଆରି କରିଦେବ ।

ପ୍ର - ସରକାର ଗରିବ ଲୋକଙ୍କ ପାଇଁ ବହୁତ ଯୋଜନା ତିଆରି କରୁଛନ୍ତି, ସତରେ କଣ ଆମ ଗରିବ ଲୋକଙ୍କ ବିକାଶ ହୋଇ




ପାରିବ । ଏ ଯୋଜନା ସବୁ ଆମ କାମରେ ଆସିବ ।

ଉ - ମୁଁ ଆଗରୁ କହିଛି ଶିକ୍ଷା ଓ ସଙ୍ଗଠନ ବିନା ବିକାଶ କେବେ ସମ୍ଭବ ନୁହେଁ । ସରକାର ଯେତେ ଯୋଜନା କଲେ ମଧ୍ୟ ଆମ ପାଖରେ ତାହା ପହଞ୍ଚି ପାରୁ ନାହିଁ । ଯିଏ ଯେତେ ଶିକ୍ଷିତ ତା ପାଖରେ ସେତେ ଯୋଜନା ପହଞ୍ଚି ପାରିବ । ତେଣୁ ଦେଶ ସାଧିନ ହେବାର ୭୦ ବର୍ଷ ବିତିଗଲେ ମଧ୍ୟ ଆମ କନ୍ଧମାଳରେ ରାସ୍ତା ନାହିଁ , କି ଭଲ ପିଇବା ପାଣି ମୁନ୍ଦିଏ ନାହିଁ । ଜର ରୋଗ ହେଲେ ବଟିକା କଥା ଛାଡ, ମମତା ଯୋଜନା ମଧ୍ୟ ଗର୍ଭବତୀ ମହିଳାଙ୍କ ପାଖେ ପହଞ୍ଚିବା ପୂର୍ବରୁ ବାଟ ବଣା ହୋଇ ଯାଉଛି । ତେଣୁ ଆମେ ବିକାଶ କାହାକୁ କହିବା ?

ପ୍ର - ଆପଣ ୫ ବର୍ଷ ସରପଞ୍ଚ ଥିଲେ । ସେତେବେଳେ ଆପଣ ଆପଣଙ୍କ ଅଞ୍ଚଳର ବିକାଶ ପାଇଁ କିପ୍ରକାର ପଦକ୍ଷେପ ନେଇଥିଲେ ।

ଉ - ହଁ ମୁଁ ୨୦୦୭ ରୁ ୨୦୧୨ ପର୍ଯ୍ୟନ୍ତ ସରପଞ୍ଚ ଥିଲି । ସେତେବେଳେ ଲୋକଙ୍କୁ ସଙ୍ଗଠିତ କରି ଆମ ଅଞ୍ଚଳରେ ହାଇସ୍କୁଲ ପ୍ରତିଷ୍ଠା ପାଇଁ ସରକାରଙ୍କୁ ପ୍ରଭାବିତ କରି ସଫଳ ହୋଇଥିଲୁ । ଲୋକମାନଙ୍କ ପାଖରେ କିପରି ରାସ୍ତା ଘାଟ ପହଞ୍ଚି ପାରିବ, ଇନ୍ଦିରା ଅବାସ ଓ ବୁଢା ବୁଢୀ ଭତା ପରି ଯୋଜନାମାନ କିପରି ପହଞ୍ଚି ପାରିବ ତାହାର ଚେଷ୍ଟା କରିଥିଲି ।

ପ୍ର - କେବଳ ଶିକ୍ଷା ଓ ସଙ୍ଗଠନ ହୋଇପାରିଲେ କଣ ଗରିବଙ୍କ ଉନ୍ନତି ହୋଇପାରିବ ।

ଉ - ନାହିଁ ଆଜ୍ଞା । ଆମ ସମାଜରେ ଯେତେ ଦିନ ପର୍ଯ୍ୟନ୍ତ ଧନୀ , ପୁଞ୍ଜିପତି ମାନଙ୍କର ଶାସନ ଚାଲିଥିବ, ଧନୀ ଗରିବ ତାରତମ୍ୟ ସେତେଦିନ ପର୍ଯ୍ୟନ୍ତ ଚାଲିଥିବ । ତେଣୁ ସବୁ ତାରତମ୍ୟରେ ସମାନ ନ ଆସିଲା ପର୍ଯ୍ୟନ୍ତ ଗରିବ ଲୋକମାନଙ୍କର ପ୍ରକୃତ ଉନ୍ନତି ହୋଇପାରିବ ନାହିଁ ।

ପ୍ର- ସଙ୍ଗଠନ ମାଧ୍ୟମରେ କି କି ସଫଳତା ପାଇଛନ୍ତି ।

ଉ - ପ୍ରଥମେ ଆମକୁ ଏକ ବଡ ପରିଚୟ ମିଳିଛି । ଆମ ପାଖରେ ଲୋକ ବଳ ଅଛି । ମନୋବଳ ବଢିଛି । ଆମ ଗାଁ ତଥା ଆମ ଅଞ୍ଚଳରେ ସଙ୍ଗଠନର ଉଦ୍ୟମରେ ଜଳ ଛାୟା ପ୍ରକଳ୍ପ , ଆମ୍ବ ତୋଟା ଆଦି ହୋଇ ପାରିଛି । ଗୋଟିଏ ଜଳ ସେଚନ ପାଇଁ ବନ୍ଧ

ନିର୍ମାଣ ହୋଇ ପାରିଛି । ବହୁତ ଗାଁରେ ଆଗରୁ ଅଙ୍ଗନବାଡି ନଥିଲା ଏବେ ତାହା ସମ୍ଭବ ହୋଇ ପାରିଛି । ଗାଁ ଜଙ୍ଗଲର ସୁରକ୍ଷା ହେବା ସହ ଜଙ୍ଗଲ ଜମିର ପଟ୍ଟା ଲୋକଙ୍କୁ ମିଳିପାରିଛି । ସମସ୍ତଙ୍କୁ ଖାଉଟି କାର୍ଡ ମିଳିଛି ଏବଂ ବାଦପଡିଯାଇଥିବା ଲୋକଙ୍କୁ କିପରି ରାସନ କାର୍ଡ ମିଳି ପାରିବ ତାହାର ବନ୍ଦୋବସ୍ତ ଚାଲିଛି । ମନେରଗା ଯୋଜନା ମଧ୍ୟ ବ୍ୟବସ୍ଥିତ ହୋଇ ପାରିଛି । ଏମିତି ତ ହିସାବ କଲେ ବହୁତ କିଛି ତାଲିକା ହେବ । ବିଶେଷ କରି ଆମେ ଏହି ଅନୁଭବ କରିସାରିଲୁଣିଯେ, ବିନା ସଙ୍ଗଠନରେ ଆମର ବିକାଶ ସମ୍ଭବ ନୁହେଁ , ଆମ କଥା କେହି ଶୁଣିବେ ନାହିଁ ।

ପ୍ର - ଖାଦ୍ୟ ସୁରକ୍ଷା ଆଇନ ରେ ରାସନ କାର୍ଡ ଫେରସ୍ତ, ସରକାରୀ ଭୟ ଓ ଜେଲ ଜୋରିମାନା କଥାକୁ କିପରି ଦେଖୁଛନ୍ତି ?

ଉ - ଏସବୁ ବହୁତ ବାଧୁଛି । ରାସନ କାର୍ଡ ତୁରନ୍ତ ଦେବା କଥା । ଜେଲ ଜୋରିମାନା ଓ ଭୟ ଦେଖାଇବା ଆଇନ ବିରୁଦ୍ଧ । ଯିଏ ଆଇନର ରକ୍ଷକ ସିଏ ଯଦି ଆଇନର ଭକ୍ଷକ ହେବ ତେବେ ଆମେ କଣ କରି ପାରିବା । ଗରିବ ଲୋକଙ୍କ ବଳ କହୁଥିବା ସରକାର ଏବେ ଗରିବ ଲୋକଙ୍କ କାଳ ହୋଇ ଗଲାଣି ।

ପ୍ର - ଆପଣଙ୍କ ସଙ୍ଗଠନ ବିଷୟରେ ପଦେକୁହନ୍ତୁ ।

ଉ - ସଙ୍ଗଠନ ମଜବୁତ କରିବାପାଇଁ ହେଲେ ଲୋକ ଶକ୍ତି ଦରକାର । ଖାଲି ଲୋକ ମାନେ ଏକାଠି ହେଲେ ଚଳିବ ନାହିଁ ତା ସାଙ୍ଗକୁ ଆର୍ଥିକ ମଜବୁତ୍ ମଧ୍ୟ ହେବା ଦରକାର । ଆମେ ଯେଉଁ ଶକ୍ତି ସାଙ୍ଗରେ ଲଢିବା ସେମାନଙ୍କ ପାଖରୁ ପଇସା ନ ଆଣି ଆମେ କିପରି ନିଜ ଗୋଡରେ ନିଜେ ଠିଆ ହେବୁ ତାପାଇଁ ଚିନ୍ତା କରିବା ଦରକାର । ଲୋକମାନେ ଯେତେବେଳେ ସଙ୍ଗଠନକୁ ବୁଝିଯିବେ ଯେ, ସଙ୍ଗଠନ ଆମ ପାଇଁ, ଆମ ଦ୍ୱାରା ଏବଂ ଆମର । ଆମ ସମସ୍ୟା ଆମେ ସମାଧାନ କରି ପାରିବୁ ସେତେବେଳେ ନିଶ୍ଚୟ ଆମ ସଙ୍ଗଠନ ଦୃଢ ହୋଇ ପାରିବ ଓ ଆମ ସଙ୍ଗଠନକୁ ଆଗେଇ ନେଇ ପାରିବୁ । ବର୍ତ୍ତମାନ ଆମେ ସେହି ଚେଷ୍ଟାରେ ଅଛୁ ।

ଜିନ୍ଦାବାଦ-

ଉପସ୍ଥାପକ- ପଞ୍ଚାନନ ପ୍ରଧାନ ଓ ହରିଶ୍ଚନ୍ଦ୍ର ଦଳବେହେରା



ଜୀବିକା ସୁରକ୍ଷା ମଞ୍ଚ, ଟିକାବାଲି ବ୍ଲକ ସଭାନେତ୍ରୀଙ୍କ ଉଦ୍‌ବୋଧନ ।

# ପାଣି ଆଉ ଆମର ନୁହେଁ

**ଅରୁଣ ପ୍ରସାଦ ଦିହୁଡି**

ଭଲ ପାଣି ଆଉ ମିଳିବନି ଭାଇ
ପିଇବା ଜହର ପାଣି ।
ଆମରି ଗୋଡକୁ ଆମେତ ହାଣୁଛେ
କହିବା କାହାକୁ ଖୁଣି ।
ବାଡି ବଗିଚାରୁ ଚାଷ ବିଲ ଯାଏଁ
ସବୁଠି ବୁଣିଲେ ବିଷ ।
ସେ ବିଷ ମିଶିଲା ନଦୀ ପୋଖରୀରେ
ଆମକୁ କରିଲା ଗ୍ରାସ ।
ପ୍ରକୃତି ମାଆର କୋଳରେ ଥିଲାରେ
ସମସ୍ତଙ୍କ ପାଇଁ ପାଣି ।
ମାଗଣାରେ ଯିଏ ଯେତେ ବ୍ୟବହାର
କଲେରେ ସରିବ ନାହିଁ ।
ଆମ ସରକାର ଶାସନ ନାଆଁରେ
ଆଇନ ତିଆରି କଲେ ।
ମାଆର କୋଳରୁ ପାଣିକୁ ଆଣିରେ
ବୋତଲରେ ବନ୍ଦୀ କଲେ ।
ଧନୀ ପୁଞ୍ଜିପତି କମ୍ପାନୀକୁ ଆଣି
ବିକିଲେ ନଦୀର ପାଣି ।
କୁମ୍ଭିର କାନ୍ଦଣା କରନ୍ତି ନେତାଏ
ଭୋଟ ନେବେରେ ଛାଣି ।
ଆମରି ଶାସକ ଅଟନ୍ତି ରାକ୍ଷସ
ନ ଜାଣି ଗରିବ ଦୁଃଖ ।
ନିଜ ସାର୍ଥ ପାଇଁ ପାଣିକୁ ବିକିଲେ
ପାଇଲେ ମନରେ ସୁଖ ।
ପାହାଡ ପର୍ବତ ବଣ ଝରଣାକୁ
କମ୍ପାନୀକୁ ବିକି ଦେଇ ।
ମରଣ ମୁହଁକୁ ଠେଲିଲେ ଆମକୁ
ବିକାଶର ଦ୍ୱାହି ଦେଇ ।
ସାଧୀନତା ସିନା ପାଇଛେ ଆମେରେ
ଅଛେ ପରାଧୀନ ହୋଇ ।
ଜାଗି ଉଠ ସର୍ବେ ସଙ୍ଗଠିତ ହେବା
ଅଧିକାର ଆଣିବା ଛଡାଇ ।

**ଯେତେଥାଉ ପଛେ ଧନସମ୍ପତ୍ତି, ଅପରିଷ୍କାର ହେଲେ ବଢ଼େ ବିପତ୍ତି ।।**

# ଆଦର୍ଶ ଗ୍ରାମ ପଞ୍ଚାୟତ ସରଡ଼ା

ବିପ୍ଳବ ନରେନ୍ଦ୍ର

ଇତିହାସ ଓ ବର୍ତମାନ ର ପୃଷ୍ଠା ଦେଖିଲେ ଓଡିଶା ଏକ ଗରିବ ଓ ଅନୁନ୍ନତ ରାଜ୍ୟ ଭାବେ ପ୍ରସିଦ୍ଧି ଲାଭ କରିଛି । ଏହା ଠାରୁ ଆହୁରି ଗରିବ ଏହାର ପାହାଡ ପର୍ବତ ଘେରା ପଛୁଆ ଅଞ୍ଚଳ । ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଯଦି ପ୍ରଶାସନ ଟିକିଏ କଣେଇ ଚାହିଁବେ ତେବେ କିଛି ଯୋଜନା ସେଠାରେ ପହଞ୍ଚିବ ନଚେତ ତାହା ଅପହଞ୍ଚ ଇଲାକା ଭାବେ କୁଖ୍ୟାତି ଅର୍ଜନ କରିବ । ଯେମିତି ଏବେ ଗୁମୁଡୁମାହା, ନଗଡା ଭଳି ଗାଁ ମାନଙ୍କୁ ପ୍ରଶାସନ ବାଧ୍ୟ ବାଧକତାରେ ଯିବା ପାଇଁ ଚେଷ୍ଟା କଲାବେଳେ, କେବେ ବସିବ ବୋଲି ଭାବିନ ଥିବା ଗାଡି ଟ୍ରାକ୍ଟରରେ ଶ୍ରମିକ ଭଳି ବସି ଯିବାକୁ ପଡୁଛି ଲୋକ  ଲଜ୍ଜା ଭୟରେ । ତଥାପି ସେହି ଗୁମୁଡୁମାହା ଓ ନଗଡା ଗାଁ ମାନଙ୍କରେ ପହଞ୍ଚିବାରେ ସମର୍ଥ ହୋଇପାରୁ ନାହାନ୍ତି ପ୍ରଶାସନିକ କଳର ସେହି ବାବୁ ଭୟାମାନେ ବା ୧୯୫୦ ମସିହାରୁ ଦେଶ ଓ ରାଜ୍ୟକୁ ଶାସନ କରୁଥିବା ରାଜନୈତିକ ଦଳର ତୁଙ୍ଗ ନେତାମାନେ । ଶେଷକୁ ପାଦରେ ଚାଲି ଚାଲି ଯିବାକୁ ପଡୁଛି ସେହି ଅପହଞ୍ଚ ଇଲାକାର ଗାଁ ମାନଙ୍କୁ । ଏହା ହେଉଛି ଆମ ଦେଶକୁ ଆମେ ଚଲାଇବାର ୭୦ ବର୍ଷର ତଥାକଥିତ ସଫଳତା ।

ସେଭଳି ଏକ ଗ୍ରାମ ପଞ୍ଚାୟତ  ସରଡ଼ା । ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଜମନକିରା ବ୍ଲକ ର ଗ୍ରାମ ପଞ୍ଚାୟତ  ସରଡ଼ା ଏବେ ସାରା ଭାରତ ବର୍ଷରେ ଆଦର୍ଶ ଗ୍ରାମ ପଞ୍ଚାୟତ ଭାବରେ ଚତୁର୍ଥ ସ୍ଥାନ ହାସଲ କରି ଓଡିଶାକୁ ଗୌରବାନ୍ୱିତ କରିଛି । ଗ୍ରାମ ପଞ୍ଚାୟତଟି ମୂଖ୍ୟ ଜିଲ୍ଲା ପ୍ରଶାସନ ଠାରୁ ୬୦ କି.ମି. ଓ ବ୍ଲକ ପ୍ରଶାସନ ଠାରୁ ୧୫ କି.ମି. ଦୂର ପାହାଡ଼ ଘେରା ଘଞ୍ଚ ଜଙ୍ଗଲ ଭିତରେ ଅବସ୍ଥାପିତ । ପଥୁରିଆ, ପୋଡାଡିହି, ଟିଲେଇମାଲ ଓ ସରଡ଼ା ଗ୍ରାମକୁ ନେଇ ସରଡ଼ା ଗ୍ରାମ ପଞ୍ଚାୟତ ଗଠିତ । ୩୩୧ ଗୋଟି ଆଦିବାସୀ ସମ୍ପ୍ରଦାୟର ପରିବାର ବସବାସ କରି ରହନ୍ତି । ସେଠାକାର ମୁଖ୍ୟ ଆୟର ପନ୍ଥା ଥିଲା କିଛି କିଛି ଜାଗାରେ ଚାଷ କାମ ଏବଂ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରି ଏବଂ କୁଲି କାମ ।

ଯେବେଠାରୁ ସ୍ଥାନୀୟ ସାଂସଦ ଶ୍ରୀ ନଗେନ୍ଦ୍ର ପ୍ରଧାନ ସରଡାକୁ ଆଦର୍ଶ ଗ୍ରାମ ପଞ୍ଚୟତ ଭାବେ ଘୋଷଣା କଲେ ସେବେଠାରୁ ସରଡା ବାସିନ୍ଦାଙ୍କ ମୁହଁରେ ହସ ଫୁଟିବା ଆରମ୍ଭ ହେଲା । ତତ୍କାଳିନ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ବଲୱନ୍ତ ସିଂ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଓ ସ୍ଥାନୀୟ ଲୋକ ସଙ୍ଗଠନ ଜନଶକ୍ତି ସଂଗଠନର ବଳିଷ୍ଠ ସହଯୋଗ ଲୋକଙ୍କ ହସକୁ ଆଗକୁ ବଢିବାରେ ସମ୍ପୂର୍ଣ୍ଣ ସାହାଯ୍ୟ କଲା । ବିଲକୁଲ କାମ ପାଉନ ଥିବା ଗାଁରେ ମନରେଗା କାମ ୧୦୦ ଦିନରୁ ୧୫୦ ଦିନ ପର୍ଯ୍ୟନ୍ତ ଲୋକମାନେ ପାଇବାକୁ ଲାଗିଲେ । ଫଳରେ ଗାଁରେ ସ୍ଥାୟୀ ଭିତିଭୂମି ତିଆରି ହୋଇ ପାରିଲା । ଅଧିକାଂଶ ପରିବାର ନିଜ ନିଜ ଜମି ମରାମତି କରି ଚାଷ ଜମିରେ ପରିଣତ କରିପାରିଲେ । ଜଳ ସେଚନ ପାଇଁ ଗାଁରେ ଏକ ଚେକ ଡ୍ୟାମ କରିପାରିଲେ । ଇନ୍ଦିରା ଆବାସ ଯୋଜନାରେ ୨୬୮ ଜଣଙ୍କର ପକ୍କା ଘର ହୋଇ ପାରିଛି । ଗାଁରେ ଦୁଇଟି ଉଭୟ ବାଳକ ଓ ବାଳିକା ଛାତ୍ରାବାସ ହୋଇପାରିଛି, ଯେଉଁଥିରେ ସରଡା ପଞ୍ଚାୟତର ସହ ଅନ୍ୟ ପଞ୍ଚାୟତର ପିଲାମାନେ ପାଠ ପଢିପାରୁଛନ୍ତି । ବିଦ୍ୟାଳୟ ପାଇଁ ଏକ ଉନ୍ନତ ଖେଳ ପଡିଆ ହୋଇପାରିଛି । ସରକାର ସେଠାରେ ବନ୍ୟଜନ୍ତୁ ଅଭୟାରଣ୍ୟ ଘୋଷଣା କରିଥିବାରୁ ସେଠାରେ ବର୍ତମାନ ପର୍ଯ୍ୟନ୍ତ ବିଜୁଳି ପହଞ୍ଚିବା ପାଇଁ ସରକାରି କଟକଣା ଅଛି । ତେଣୁ ସୌର ଶକ୍ତି ଦ୍ୱାରା ପରିଚାଳିତ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ଗାଁରେ ହୋଇପାରିଛି । ଉଦ୍ୟାନ କୃଷି ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ବ୍ୟବସ୍ଥା ଯଥା- ଅତ୍ୟାଧୁନିକ ପ୍ରଣାଳିରେ କୁକୁଡ଼ା ଚାଷ, ଛେଳି ଚାଷ ଓ କୃଷିକାର୍ଯ୍ୟ ଆଦି କରି ଭବିଷ୍ୟତ ବା ଆଗାମୀ ପିଢୀ ପାଇଁ ଏକ ଅର୍ଥନୈତିକ ମୂଳଦୂଆ ସୃଷ୍ଟି କରିପାରିଛନ୍ତି । ଅଭୟାରଣ୍ୟ ଯୋଗୁଁ ରାସ୍ତାର ସୁବିଧା ଉପଲବ୍ଧି ହୋଇପାରିନାହିଁ । ସ୍ୱଚ୍ଛ ଭାରତ ମିସନ୍ ଅଭିଯାନ ରେ ସେମାନେ ଶୌଚାଳୟ ତିଆରି କରିବା ସହ ବ୍ୟବହାର ମଧ୍ୟ କରୁଛନ୍ତି । ଏଥିରେ ସରକାରଙ୍କର ସମସ୍ତ ବିଭାଗର ସମ୍ପୂର୍ଣ୍ଣ ସହଯୋଗ ରହିବା ସହ ସରଡା ସରପଞ୍ଚ ଶ୍ରୀମତି ପ୍ରଭାସିନି ବାଗ୍‌ଙ୍କ ନିଜ ପଞ୍ଚାୟତ ପାଇଁ କାମ କରିବାର ନିଶା ଉକ୍ତ ପଞ୍ଚାୟତକୁ ଏତେ ବାଟ ଆଣିବାରେ ସହାୟକ ହୋଇ ପାରିଛି ।

ଶେଷରେ ସରଡା ଗ୍ରାମ ପଞ୍ଚାୟତ ଠାରୁ ଏହି ଶିକ୍ଷା ମିଳୁଛିଯେ, ଯଦି ସରକାରୀ ଅଧିକାରୀ କିମ୍ବା ରାଜନୈତିକ ଇଚ୍ଛା ଶକ୍ତିର ସଦୁପଯୋଗ ହୋଇପାରିବ ତେବେ, ବିକାଶର ଧାରା ଗାଁରେ ନିଶ୍ଚୟ ପହଞ୍ଚିପାରିବ ।

ଜନଶକ୍ତି ସଙ୍ଗଠନ ।

**ରାଜନୈତିକ ସହଯୋଗ**



ଓଡ଼ିଶା ପ୍ରଦେଶ କଂଗ୍ରେସ, ସଭାପତିଙ୍କ ସହ ଓ.ଶ୍ର.ମ. ପ୍ରତିନିଧିଙ୍କ ଆଲୋଚନା ।




ଭାରତୀୟ ଜନତା ପାର୍ଟି ଓଡ଼ିଶା ପ୍ରବକ୍ତାଙ୍କ ଅଭିଭାଷଣ ।

**ପିଇବା ପାଣି କର ପରୀକ୍ଷା, ତେବେହେବ ଆମ ଜୀବନ ରକ୍ଷା ।**

# ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ

## ଜଳ ଉପରେ ସାଧାରଣ ଜନତାଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରାନଯାଉ

ଅନନ୍ତ

ବର୍ତ୍ତମାନ ଛତିଶଗଡ଼ ସରକାର ମହାନଦୀ ଉପର ମୁଣ୍ଡରେ ଶାଖାନଦୀ ଓ ଉପନଦୀ ମାନଙ୍କରେ ପ୍ରାୟ ୧୦ଟି ବ୍ୟାରେଜ ଓ ଡ୍ୟାମ ନିର୍ମାଣ କରୁଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ ୨୦୦୦ ମସିହା ପରଠାରୁ ମହାନଦୀର ଉପର ମୁଣ୍ଡରେ ପ୍ରାୟ ୩୦ଟି ବ୍ୟାରେଜ ନିର୍ମାଣ ହୋଇ ସାରିଛି । ଏହା ପୂର୍ବରୁ ଅବିଭକ୍ତ ମଧ୍ୟ ପ୍ରଦେଶ ରାଜ୍ୟ ଭିତରେ ମହାନଦୀ ଓ ତାର ଶାଖା ନଦୀ ଗୁଡ଼ିକରେ ୧୫୦ ରୁ ଉର୍ଦ୍ଧ ବ୍ୟାରେଜ ଓ ଡ୍ୟାମ ନିର୍ମାଣ ହୋଇ ସାରିଛି । ଏଭଳି ଭାବରେ ମହାନଦୀର ଜଳ ସ୍ରୋତକୁ ଅଟକାଇ ରଖିବା ଦ୍ୱାରା ଏହାର ପ୍ରଭାବ ତଳ ମୁଣ୍ଡ ଓ ବିଶେଷ ଭାବରେ ହୀରାକୁଦଜଳ ଭଣ୍ଡାର ଉପରେ ପଡ଼ିବ । ବର୍ତମାନ ତ ଏହି ପ୍ରଭାବ ଅନେକାଂଶରେ ଅନୁଭବ ହେଉଛି କିନ୍ତୁ ଯାହା ସବୁ ଏବେ ନିର୍ମାଣାଧିନ ଅଛି ସେ ସମସ୍ତ ପ୍ରକଳ୍ପ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକାରୀ ହେଲେ ମହାନଦୀରେ କେବଳ ବର୍ଷା ଋତୁରେ ପାଣି ବୋହିବା ଛଡ଼ା ଅନ୍ୟ ଋତୁ ମାନଙ୍କରେ ଶୁଷ୍କ ହୋଇଯିବ । ଏହା ଦ୍ୱାରା ହୀରାକୁଦ ଜଳଭଣ୍ଡାରର ବିଦ୍ୟୁତ ଉତ୍ପାଦନ ଓ ଜଳସେଚନ ବିଶେଷ ଭାବରେ ପ୍ରଭାବିତ ହେବ ।



ଛତିଶଗଡ଼ ସରକାର ବନ୍ଧ ସବୁ ତିଆରି କରୁଥିବା ପଛର ଉଦ୍ଦେଶ୍ୟ କୃଷିର ବିକାଶ ବା କୃଷିକୁ ଜଳ ସେଚନ ପାଇଁ ନୁହଁ । ଛତିଶଗଡ଼ ସରକାରଙ୍କ ଏଭଳି ଯୋଜନା ଦ୍ୱାରା ଛତିଶଗଡ଼ ରାଜ୍ୟର ମହାନଦୀ ଉପରେ ନିର୍ଭର କରୁଥିବା ସାଧାରଣ ଜନତା ମଧ୍ୟ କ୍ଷତିଗ୍ରସ୍ତ ହେଉଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ମହାନଦୀ ଓ ଶାଖାନଦୀ ଗୁଡ଼ିକର ଅବବାହିକା ନିକଟବର୍ତି ଅଞ୍ଚଳରେ ପ୍ରାୟ ୧୫୫୦୦ ମେଗା ୱାଟ ତାପଜ ବିଦ୍ୟୁତ କେନ୍ଦ୍ର ଗୁଡ଼ିକର ସ୍ଥାପନ ଓ ଉପରୋକ୍ତ କମ୍ପାନୀ ଗୁଡ଼ିକୁ ପାଣି ଯୋଗାଇ ଦେବା ପାଇଁ ଛତିଶଗଡ଼ ସରକାର ଭିତିଭୂମିର ପ୍ରସ୍ତୁତି ଚଳାଇଛନ୍ତି । ଏହା କାର୍ଯ୍ୟକାରୀ ହେଲେ କଂପାନୀ ମାନଙ୍କ ପାଇଁ ପ୍ରୟ ୫୦୦ କ୍ୟୁସେକ (ଯାହା ୫୦୦୦୦ ଏକର ଚାଷଜମିକୁ ଜଳ ସେଚିତ ହୋଇ ପାରିବ) ଜଳ କଂପାନୀ ମାନେ ନେବେ । ପୁଣି ଉପରୋକ୍ତ ତାପଜ ବିଦ୍ୟୁତ କେନ୍ଦ୍ର ପ୍ରକଳ୍ପ ମାନଙ୍କ ପାଇଁ ମହାନଦୀ ଅବବାହିକାରେ ଦୈନିକ ୮୦୦୦୦ ମେଟ୍ରିକ ଟନ ପାଉଁଶ ନିର୍ଗତ ହେବ । ଯାହା ପାଇଁ ନଦୀ ଜଳ ପ୍ରଦୂଷିତ ହେବା ସହିତ ନଦୀ ପୋତି ହୋଇ ଭବିଷ୍ୟତରେ ନଦୀର ମୃତ୍ୟୁ ହେବ । ପୁଣି ଛତିଶଗଡ଼ ସରକାର ଭବିଷ୍ୟତରେ ୫୬୦୦୦ ମେଗା ୱାଟ ତାପଜ ବିଦ୍ୟୁତ ଉତ୍ପାଦନ ପାଇଁ ଯୋଜନା କରିଛନ୍ତି ଯାହାର ପ୍ରଭାବ ମହାନଦୀ ଓ ଶାଖାନଦୀ ମାନଙ୍କ ଉପରେ ହିଁ ପଡ଼ିବ । ଏଭଳି ଉଦ୍ଭଟ ଯୋଜନା ଦ୍ୱାରା ଏହାର ଗୁରୁତର ପ୍ରଭାବ ହୀରାକୁଦଜଳ ଭଣ୍ଡାର ଉପରେ ପଡ଼ିବ । ଜଳର ଅଭାବ ଫଳରେ ଜଳଭଣ୍ଡାର ଦ୍ୱାରା ଜଳ ସେଚନ ହେଉଥିବା ପ୍ରାୟ ଦୁଇଲକ୍ଷ ଏକର ଜମି ଶୁଖିଲା ପଡ଼ିବ । ଜଳଭଣ୍ଡାର ପ୍ରଦୂଷିତ ହେଲେ ମତ୍ସ୍ୟ ଉତ୍ପାଦନରେ ବାଧା ସୃଷ୍ଟି ହେବ । ଏଣୁ ହୀରାକୁଦଜଳଭଣ୍ଡାର ଉପରେ ନିର୍ଭର କରୁଥିବା ପ୍ରାୟ ୨୦୦୦୦ ମତ୍ସ୍ୟଜୀବି ପରିବାର କ୍ଷତିଗ୍ରସ୍ତ ହେବେ । ପୂର୍ବରୁ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ ଦ୍ରୁତ ଶିଳ୍ପାୟନ ଯୋଗୁଁ ହୀରାକୁଦଜଳ ଭଣ୍ଡାର ପ୍ରଦୂଷିତ । ଜଳ ଭଣ୍ଡାର ପ୍ରଦୂଷିତ ହୋଇ ଏହି ୫୦ ବର୍ଷ ଭିତରେ ୧୮୩ ପ୍ରଜାତିର ମାଛରୁ ୧୪୦ ପ୍ରଜାତିର ମାଛ ବଂଶ ଲୋପ ହୋଇ ଗଲେଣି । ୧୯୯୦-୯୧ ମସିହାରେ ୩୩୨.୮ ମେଟ୍ରିକଟନ ମାଛ ଉତ୍ପାଦନ ହେଉଥିବା ବେଳେ ବର୍ତମାନ ପ୍ରାୟ ୨୦୦ ମେଟ୍ରିକ ଟନକୁ ଖସି ଆସିଛି । ଓଡ଼ିଶାର ୧୫ଟି ଜିଲ୍ଲାର ୧ କୋଟିରୁ ଉର୍ଦ୍ଧ ଲୋକଙ୍କର ଜୀବନ ଜୀବିକା ମହାନଦୀର ପାଣି ଉପରେ ନିର୍ଭରଶୀଳ ଏଥିଯୋଗୁଁ ରବି ଓ ଖରିଫ ଋତୁରେ ପ୍ରାୟ ୨ଲକ୍ଷ ୬୭ ହଜାର ହେକ୍ଟର ଚାଷ ଜମିକୁ ଏହା ଜଳ ଯୋଗାଇ ଥାଏ ।

ବର୍ତମାନ ୧୬ ବର୍ଷ ପରେ ଓଡ଼ିଶା ରାଜ୍ୟ ସରକାରଙ୍କର ନିଦଭାଙ୍ଗୁଛି । ବର୍ତମାନ କହୁଛନ୍ତି ଯେ ଶେଷ ନିଶ୍ୱାସ ଥିବା ଯାଏଁ ମହାନଦୀ ପାଇଁ ଲଢ଼ିବେ । ଏହାର ଅର୍ଥ ହେଲା ଯେ ନିକଟ ଭବିଷ୍ୟତରେ ଏହାର ସମାଧାନର ରାସ୍ତା ବାହାରିବାର ନାହିଁ । ଏହି ସମସ୍ୟାର ସମାଧାନ ହେବ ନାହିଁ ଆଉ ଶେଷ ପର୍ଯ୍ୟନ୍ତ ସେ ଲଢୁଥିବେ । ରାଜ୍ୟ ସରକାର ଏ ସମସ୍ୟା ପାଇଁ ଏତେ ଅସମର୍ଥ ଯେ ଜିଲ୍ଲାପାଳ ମାନଙ୍କୁ ଏହାର ସମାଧାନ ପାଇଁ ଦାବି ପତ୍ର ପ୍ରଦାନ କରୁଛନ୍ତି । ସେପଟେ ଭାରତ ସରକାରଙ୍କ ଜଳ ସମ୍ପଦମନ୍ତ୍ରୀ ସୁଶ୍ରୀ ଉମା ଭାରତୀ କହୁଛନ୍ତି ଯେ ଦୁଇ ରାଜ୍ୟ ଦ୍ୱାରା ମିଳିତ ବୈଠକରେ ଏ ସମସ୍ୟାର ସମାଧାନ ହୋଇଯିବ । ସମସ୍ୟାର ସମାଧାନ କିଭଳି ହେବ ? କେନ୍ଦ୍ର ଜଳ ସଂପଦମନ୍ତ୍ରୀ କଣ ତିଆରି ହୋଇ ସାରିଥିବା ବ୍ୟାରେଜ, ବନ୍ଧ ଗୁଡ଼ିକ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେବେ ? ତାପଜ ବିଦ୍ୟୁତ କେନ୍ଦ୍ର ଗୁଡ଼ିକର ଚୁକ୍ତିକୁ ବାତିଲ କରାଇବେ ? ମହାନଦୀର ଉପର ମୁଣ୍ଡରେ ଉପରୋକ୍ତ ଶିଳ୍ପ ପ୍ରତିଷ୍ଠାନ ମାନେ ଜଳକୁ ଦୋହନ ଓ ପ୍ରଦୂଷିତ କରୁଥିବେ ତେବେ ଜଳର ସମସ୍ୟାର ସମାଧାନ କିଭଳି ହେବ ? ଗତ ତା-୦୩/୦୭/୧୬ ଦିନ ଦିଲ୍ଲୀଠାରେ କେନ୍ଦ୍ର ଜଳ ସମ୍ପଦମନ୍ତ୍ରଣାଳୟ ସଚିବଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଓ ଛତିଶଗଡ଼ର

ଅବଶିଷ୍ଟାଂଶ ପୃଷ୍ଠା ୧୪ରେ......

ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୈଠକ ସମାପ୍ତ ପରେ ଓଡ଼ିଶା ମୂଖ୍ୟ ଶାସନ ସଚିବ ସୂଚାଇ ଦେଲେ ଯେ ସୂଚନାର ଆଦାନ ପ୍ରଦାନ ହୋଇଛି । ଏଣିକି ଛତିଶଗଡ଼ ସରକାର ଯାହା ନିର୍ମାଣ କରିବେ ଓଡ଼ିଶାକୁ ସୂଚନା ଦେବେ । ଏଣେ ଛତିଶଗଡ଼ ମୂଖ୍ୟ ଶାସନ ସଚିବ ସୂଚନା ଦେଲେ ଯେ ଛତିଶଗଡ଼ରେ ନିର୍ମାଣ ହେଉଥିବା ପ୍ରକଳ୍ପ ମାନଙ୍କ ଦ୍ୱାରା ଓଡ଼ିଶାର କୌଣସି କ୍ଷତି ହେବ ନାହିଁ। ଏତେ ବଡ଼ ଚର୍ଚ୍ଚିତ ମହାନଦୀ ବିବାଦର ଦୁଇ ରାଜ୍ୟ ବୈଠକର ନିର୍ଯ୍ୟାସ ହେଲା ଯେ, ଛତିଶଗଡ଼ ସରକାର ନିର୍ମାଣ କରି ଚାଲିଥିବେ । କେବଳ ଓଡ଼ିଶା ସରକାରଙ୍କୁ ସୂଚନା ପ୍ରଦାନ କରିବେ ।

ମହାନଦୀ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ରାଜ୍ୟ ସରକାର ଓଡ଼ିଶାରେ ୭୦୦୦୦ ମେଗାୱାଟ ତାପଜ ବିଦ୍ୟୁତ କେନ୍ଦ୍ର ଗୁଡ଼ିକ ସ୍ଥାପନ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ପ୍ରାୟ ୩୦୦୦୦ ମେଗାୱାଟ ପାଇଁ ଚୁକ୍ତି ହୋଇ ସାରିଲାଣି । ଓଡ଼ିଶା ପାଇଁ ମାତ୍ର ୭୦୦୦ ମେଗାୱାଟର ଚାହିଦା ଅଛି । ଯାହା ସବୁ ଚୁକ୍ତି ହୋଇଛି ବା ଯୋଜନା ଅଛି ଏହାର ଅର୍ଦ୍ଧାଧିକ ମହାନଦୀ ଓ ଏହାର ଶାଖାନଦୀ ଗୁଡ଼ିକରୁ ପାଣି ନେବେ । ଏହା କାର୍ଯ୍ୟକାରୀ ହେଲେ ଓଡ଼ିଶାରେ ଦୈନିକ ପ୍ରାୟ ୪ ଲକ୍ଷ ମେଟ୍ରିକ ଟନ ପାଉଁଶ ନିର୍ଗତ ହେବ । ଯଦ୍ୱାରା ଓଡ଼ିଶାର ସମସ୍ତ ନଦୀନାଳ ପ୍ରଦୁଷିତ ହେବା ସହ ଭିବିଷ୍ୟତରେ ନଦୀ ନାଳ ମାନଙ୍କର ମୃତ୍ୟୁ ହେବ । ଛତିଶଗଡ଼ ରାଜ୍ୟରେ ମହାନଦୀର ମୁଖ୍ୟ ଉପନଦୀ ଶିବନାଥକୁ ଛତିଶଗଡ଼ ସରକାର ନବେ ଦଶକରେ ଘରୋଇକରଣ କରି କୋଟିପତି ବ୍ୟବସାୟୀ କୈଳାସ ସୋନିଙ୍କୁ ନିଲାମରେ ଦେଇଥିଲେ । ସେ ନଦୀର ୨୨ କି.ମି ଦୈର୍ଘ୍ୟ ଶଯ୍ୟାକୁ ନିଲାମ ନେଇ ସେଥିରେ ତିନୋଟି ଡ୍ୟାମ କରି ନିକଟସ୍ଥ ବରେଇ ଶିଳ୍ପାଞ୍ଚଳକୁ ଜଳ ଯୋଗାଇ ଦେବାକୁ ଚୁକ୍ତି ବଦ୍ଧ ହୋଇଥିଲେ । ଏକ ୨୨ ବର୍ଷିଆ ଚୁକ୍ତିରେ ସେ ଏହି ନଦୀକୁ ନିଲାମରେ ନେଇ ସେତେବେଳେ ୪୩ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ । ନଦୀ ଉପରେ ଅଧିକାର ପାଇବା ପରେ ସେ ନିଜ ମାଲିକାନାରେ ଥିବା ନଦୀ ଶଯ୍ୟାରୁ ଚାଷୀଙ୍କୁ ପାଣି ଦେବା ବନ୍ଦ କରିବା ସହ ମତ୍ସ୍ୟଜୀବି ଓ ସ୍ଥାନୀୟ ଲୋକଙ୍କୁ ଏହା ମଧ୍ୟକୁ ଛାଡ଼ିନ ଥିଲେ । ଏହା କେବଳ ଏକ ଉଦାହରଣ । ଦେଶର ସମସ୍ତ ଗଭୀର ଜଳ ସହିତ ନଦୀ, ନାଳ ଜଳକୁ ଘରୋଇକରଣ କରି କମ୍ପାନୀ ମାନଙ୍କୁ ବିକ୍ରି କରିବା ପାଇଁ ସରକାର ଯୋଜନା ପ୍ରସ୍ତୁତ କରି ସାରିଛନ୍ତି । ଜଳ ଉପରେ ଆଉ ସାଧାରଣ ଜନତାଙ୍କ ଅଧିକାର ରହିବ ନାହିଁ ।

ଦେଶରେ ୧୯୯୧ ମସିହା ଠାରୁ କାର୍ଯ୍ୟକାରୀ ହଉଥିବା ଉଦାରୀକରଣ, ଜଗତୀ କରଣ ଓ ଘରୋଇ କରଣ ନୀତିର ଏହା ହେଉଛି ପ୍ରଭାବ । କାରଣ ଉପରୋକ୍ତ ଅର୍ଥନୀତି ପରେ ପରେ ପୁଞ୍ଜି ନିବେଶ ଆଳରେ କେବଳ ଖଣିଜ ଭିତିକ ବୃହତ ଶିଳ୍ପକୁ ଗୁରୁତ୍ୱ ଦିଆଯାଇ ଜଳ, ଜମି, ଜଙ୍ଗଲ, ଖଣିଜ ସଂପଦଗୁଡ଼ିକର ବ୍ୟବହାର ପାଇଁ କମ୍ପାନୀ ମାନଙ୍କୁ ସମର୍ପିତ କରି ଦିଆଯାଉଛି । ଆଜି ଯେଉଁ ପରିଣତି ଆମେ ଦେଖୁଛୁ ବା ଭୋଗୁଛୁ ଏଇଥିପାଇଁ ଏଭଳି ନୀତି ନିର୍ଦ୍ଧାରଣ କରିଥିବା ସରକାର ମାନେ ଦାୟୀ । ଏଣୁ ଆଜି ମହାନଦୀ ପାଣି ବିବାଦ ପ୍ରସଙ୍ଗରେ ଶାସକ, ବିରୋଧି ବା କୌଣସି ରାଜନୈତିକ ଦଳ ସମସ୍ୟାର ମୂଳ କାରଣକୁ ନଯାଇ ଜଣେ ଅନ୍ୟ ଜଣଙ୍କୁ ଆରୋପ ପ୍ରତ୍ୟାରୋପ କରି ମୂଳ ସମସ୍ୟାଠାରୁ ପଳାୟନ କରୁଛନ୍ତି । ନଦୀ ଜଳକୁ ଜାତି, ଧର୍ମ, ଭାଷା, ରାଜ୍ୟ ନାମରେ ବଣ୍ଟାନ ଯାଉ । ଜଳର ଧର୍ମ ହେଲା ଉପରୁ ତଳକୁ ପ୍ରବାହିତ ହେବା ଜଳ ଉପରେ ସମସ୍ତଙ୍କର ସମାନ ଅଧିକାର ଅଛି । ଏଣୁ ମହାନଦୀର ଜଳ ସ୍ରୋତକୁ ଅପ୍ରାକୃତିକ ଉପାୟରେ ରୋକାଯାଇ କେବଳ କୌଣସି ନିର୍ଦ୍ଦିଷ୍ଟ ବର୍ଗଙ୍କ ସ୍ୱାର୍ଥ ପାଇଁ ବ୍ୟବହାର କରାନ ଯାଉ ।

**ଲୋକମୁକ୍ତି ସଙ୍ଗଠନ ଓ ଚେତନାଶୀଳ ନାଗରିକ ମଞ୍ଚ**
**ଝାରସୁଗୁଡ଼ା ମା-୯୪୩୭୯୪୬୮୬୯**



ମହାମହିମ ରାଜ୍ୟପାଳଙ୍କ ସହ ଓ.ଶ୍ର.ମ. ପ୍ରତିନିଧିଙ୍କ ଓଡ଼ିଶା ପୁଷ୍ଟିଯୁକ୍ତ ଖାଦ୍ୟ ନିରାପତ୍ତା ଆଇନ୍ ଲାଗୁକରିବା ସମ୍ପର୍କରେ ଆଲୋଚନା ।

**ପ୍ରତି ଘରେ ମଶାରୀ କର ବ୍ୟବହାର, ନଥିବ ଡ଼େଙ୍ଗୁ ମେଲେରିଆ ଜ୍ୱର ।**

# ସଫଳତାର ପଥେ... ପୀତାଗୁଡା ପଞ୍ଚାୟତ କମିଟି

କୃଷ୍ଣଚନ୍ଦ୍ର ଖିଲ

କୋରାପୁଟ ଜିଲ୍ଲା । ପୂର୍ବ ଘାଟ ପର୍ବତମାଳାର ଏକ ଶୀତଳ ଭୁଖଣ୍ଡ । ଜୁଆଡେ ଚାହିଁବ ସବୁଆଡେ ଖାଲି ମାଳ ମାଳ ପର୍ବତ ଓ ଝରଣା । ଆଉ ସେହି ପର୍ବତ ଭିତରେ ମୁଣ୍ଡ ଟେକି ଛିଡା ହୋଇଛି ଛୋଟ ଛୋଟ କୁଡିଆ ଘର ଥିବା ଗାଁ ଗୁଡିକ । ଦୁରରୁ ଅନାଇ ଦେଲେ ଦେଖାଯାଏ ରାଜ୍ୟର ସବୋଚ୍ଚ ଗିରି ଶୃଙ୍ଗ ରନ୍ ଗର୍ଭା ଦେଓମାଳି । ଏହାର ପାଦଦେଶରେ ଆସେ ଶିମିଳିଗୁଡା ପଞ୍ଚାୟତ ସମିତି । ସେ ଭିତରେ ପିତାଗୁଡା ଗ୍ରାମ ପଞ୍ଚାୟତ । କୁମାରିପୁଟ, ଡମ୍ବଗୁଡା, ଚରିମାଳିପୁଟ, ପୀତାଗୁଡା, ଥାଟ ପଦରଗୁଡା, ଶୁଖିଆଗୁଡା, ଚାରଗାଁ, ଦଳେଇଗୁଡା, ଖରାଗୁଡା ଓ ଜଗମପୁଟ ଭଳି ୧୦ ଗୋଟି ଗାଁକୁ ନେଇ ଗଠିତ ଏହି ପଞ୍ଚାୟତ । କୃଷି ଓ ପଶୁ ପାଳନ ଏହି ଅଞ୍ଚଳର ମୁଖ୍ୟ ଜୀବିକା ।

୨୦୧୦ ମସିହା କଥା । ସେତେବେଳେ ସ୍ଥାନୀୟ ଲୋକ ସଙ୍ଗଠନ ଲୋକ ବିକାଶ ମଞ୍ଚ ଲୋକମାନଙ୍କ ସହ ମିଶି ନିଜ ନିଜର ସମସ୍ୟାକୁ ନିଜେ ଚିହ୍ନଟ କରିବାର ପ୍ରକ୍ରିୟା ଆରମ୍ଭ କରିଥାଏ । ଲୋକ ବିକାଶ ମଞ୍ଚର ଗୁରୁତ୍ୱ ଓ ଆବଶ୍ୟକତାକୁ ଲୋକମାନେ ଧିରେ ଧିରେ ବୁଝିବା ଅନୁଭବ କରିବାକୁ ଲାଗିଲେ । ଗାଁ ଗାଁରେ ସଭା ହେଲା ଓ ଗ୍ରାମ କମିଟିମାନ ଗଠନ ହେଲା । ସେହିଭଳି ଗ୍ରାମ କମିଟି ମାନଙ୍କୁ ନେଇ ଗଠନ ହେଲା ପଞ୍ଚାୟତ କମିଟି । ଏଥିରେ ମୁଖ୍ୟ ଭୂମିକା ନେଇଥାନ୍ତି ଲୋକ ବିକାଶ ମଞ୍ଚର ସ୍ୱେଚ୍ଛାସେବୀ ପଞ୍ଚାନନ ପ୍ରଧାନ, କୃଷ୍ଣ ଚନ୍ଦ୍ର ଖୀଲ, ଲକ୍ଷ୍ମଣ ଦିଶାରି ଓ ଅନ୍ୟମାନେ । ମନରେଗା ଓ ଖାଦ୍ୟ ସୁରକ୍ଷା ଆଦି କର୍ଯ୍ୟକ୍ରମମାନଙ୍କ ବିଷୟରେ ବିଭିନ୍ନ ସଚେତନତା ଗାଁ ଗାଁରେ କରାଯାଉଥାଏ ।

ସେହିଭଳି ୨୦୧୪ ମସିହାରେ ଗଠିତ ହୋଇଥିଲା ପୀତାଗୁଡା ଗ୍ରାମ ପଞ୍ଚାୟତ କମିଟି । ୩୦ ଜଣ ସଭ୍ୟ ସଭ୍ୟାଙ୍କୁ ନେଇ ଗଠିତ ଏହି କମିଟି ଏବେ ଆମ ସମସ୍ତଙ୍କ ପାଇଁ ଉଦାହରଣ ପାଲଟି ଯାଇଛି । ସଭାପତି କୁମଧନ ଦିଶାରି, ସମ୍ପାଦକ ଗୋକୁଳ ନାୟକ, ରଘୁନାଥ ହନ୍ତାଳ, ପର୍ଶୁରାମ ଖିଲ, କୃଷ୍ଣ ଖିଲ, ଲକ୍ଷ୍ମଣଦେଶ ନାୟକ, ଅର୍ଜୁନ ମାଝୀ, ଶ୍ରୀମତି ସକୁନ୍ତଳା ପାଣ୍ଡେକା, ଦାସୁଦେବ ନାୟକ ଓ ମଙ୍ଗୁଲୁ ଦେଉଳପାଡିଆଙ୍କ ସମେତ ଅନେକ ଲଢୁଆସାଥିଙ୍କ ନିରନ୍ତର ଉଦ୍ୟମ କମିଟିକୁ କ୍ରିୟାଶୀଳ କରାଇବାରେ ସାହାଯ୍ୟ କଲା । ଏବେ ଲକ୍ଷ୍ମଣ ଦେଶ ନାୟକ ଓ ମଙ୍ଗୁଲୁ ଦେଉଳ ପାଡିଆ ଯଥାକ୍ରମେ ସେମିଳିଗୁଡା ବ୍ଲକ ସ୍ତରିୟ କମିଟିର ସମ୍ପାଦକ ଓ ବ୍ଲକ ପ୍ରତିନିଧି ଭାବେ ପଞ୍ଚାୟତର ଗୌରବକୁ ଆହୁରି ଆଗକୁ ନେବାରେ ସାହଯ୍ୟ କରୁଛନ୍ତି । ଏହିଭଳି ଏକ ଉତ୍ସାହି ପଞ୍ଚାୟତ କମିଟିର କେତେକ ସଫଳ ପଦକ୍ଷେପ ଏଠାରେ ଉପସ୍ଥାପନ କରୁଛୁ ।

**ପଞ୍ଚାୟତ କମିଟିର କାର୍ଯ୍ୟ –** ପଞ୍ଚାୟତ ସ୍ତରୀୟ କମିଟିର ନିଷ୍ପତି ଅନୁସାରେ ପ୍ରତି ମାସରେ ନିୟମିତ ବୈଠକ ବସିବ ଏବଂ ଏହା ପାଳିକରି ପ୍ରତ୍ୟେକ ଗ୍ରାମରେ ପର୍ଯ୍ୟାୟକ୍ରମେ ବସିବ । ଯେଉଁ ଗ୍ରାମରେ ବୈଠକ ବସିବ ତାହା ପୂର୍ବ ନିର୍ଦ୍ଧାରିତ ବୈଠକରେ ସ୍ଥିର କରାଯାଇଥାଏ । ଯେଉଁ ଗାଁରେ ବୈଠକ ବସିବ ସେହି ଗାଁର ସମସ୍ତ ସଭ୍ୟ ସଭ୍ୟା ଚାନ୍ଦା କରି ଖାଦ୍ୟପେୟର ବ୍ୟବସ୍ଥା କରିଥାନ୍ତି । ଉକ୍ତ ବୈଠକରେ ସଙ୍ଗଠନର ମୂଳ ସମସ୍ୟା ସହ ସ୍ଥାନୀୟ ସମସ୍ୟାକୁ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦିଆଯାଇ ଆଲୋଚନା କରାଯାଏ ଏବଂ ସମାଧାନର ବାଟ ବାହାର କରାଯାଏ । କମିଟି ନିଜ ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକୁ ଯଥା- ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଆଦି ତଦାରଖ କରିବା ପାଇଁ ବା ଅନୁଷ୍ଠାନର ଗୁଣାତ୍ମକ ବିକାଶରେ ସାହଯ୍ୟ କରିବା ପାଇଁ ବୁଲିବାକୁ ଯାଆନ୍ତି । ଫଳରେ ଏହି ଅନୁଷ୍ଠାନ ଗୁଡିକର ସୁଫଳ ଗ୍ରାମବାସୀମାନଙ୍କ ପାଖକୁ ସିଧାସଳଖ ଭାବେ ମିଳିଥାଏ ।

**ସଭ୍ୟ ସଭ୍ୟା ପାଣ୍ଠି ସଂଗ୍ରହ –** ସ୍ଥାନୀୟ ଜନସାଥୀ କୃଷ୍ଣ ଖୀଲଙ୍କ ସହ କମିଟିର ସଦସ୍ୟମାନେ ଗାଁକୁ ଗାଁ ବୁଲି ସଭାମାନ କରନ୍ତି ଏବଂ ଲୋକ ବିକାଶ ମଞ୍ଚର ସଦସ୍ୟତା ପାଇଁ ପଞ୍ଜିକରଣ କରାନ୍ତି । ସଙ୍ଗଠନର ନିୟମ ଅନୁସାରେ ଯେଉଁ ସଦସ୍ୟ ସଙ୍ଗଠନର ସଦସ୍ୟ ସଦସ୍ୟା ହେବେ ସେମାନେ ବାର୍ଷିକ ଟ.୬୦.୦୦ ସଭ୍ୟ ସଭ୍ୟା ଚାନ୍ଦା ଦେବେ । ଏହି ଚାନ୍ଦା ସଙ୍ଗଠନର ବ୍ୟାଙ୍କ ଖାତାରେ ଜମା ରହିବ ଏବଂ ସଙ୍ଗଠନର ବିଭିନ୍ନ କାର୍ଯ୍ୟକ୍ରମ, ଗ୍ରସ୍ତ ଖର୍ଚ୍ଚ ଆଦି ଭରଣା କରାଯିବ । ଏବେ ପଞ୍ଚାୟତର ୧୦ଗୋଟି ଗାଁରୁ ୮ ଗୋଟି ଗାଁର ପାଣ୍ଠି ସଂଗ୍ରହ ସରିଛି ଏବଂ ଟ. ୨୪୪୦୦.୦୦ ଉର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଛି ।

**ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ –** ଚରିମାଳିପୁଟ ଗାଁ ବିଦ୍ୟାଳୟରେ ୯୩ ଜଣ ଛାତ୍ର ଛାତ୍ରୀ ପାଠ ପଢନ୍ତି । ଘରଟି କିନ୍ତୁ ଅର୍ଦ୍ଧ ନିର୍ମାଣ ଅବସ୍ଥାରେ ଥିଲା । ତେଣୁ ଛାତ୍ର ଛାତ୍ରୀମାନେ ନାନା ଅସୁବିଧାର ସହ ପାଠ ପଢନ୍ତି । ଏ କଥା ପୀତାଗୁଡା ପଞ୍ଚାୟତ କମିଟି ର ନଜରକୁ ଆସିବାକ୍ଷଣି ଏକାଠି ହୋଇଗଲେ ୨୫ ଜଣ ସଦସ୍ୟ । ସଙ୍ଗେ ସଙ୍ଗେ ଗାଡିକରି କୋରାପୁଟ ଯାଇ ଜିଲ୍ଲାପାଳଙ୍କ ସହ ସାକ୍ଷାତ ଅଲୋଚନା କଲେ । ଶେଷରେ ଜିଲ୍ଲାପାଳ ସଙ୍ଗଠନ ଦାବୀକୁ ମାନିଲେ ଏବଂ ନିଜେ ପରିଦର୍ଶନରେ ଚରିମାଳିପୁଟ ଗାଁ ବିଦ୍ୟାଳୟକୁ ଆସି ସତ୍ୟା ସତ୍ୟ ଅନୁସନ୍ଧାନ କଲେ । ଏବେ ଚରିମାଳିପୁଟ ଗାଁ ବିଦ୍ୟାଳୟରେ ଏକ ଦୁଇ ମହଲା ବିଶିଷ୍ଟ କୋଠାଘର । ଗାଁ ପିଲାମାନେ ବର୍ତ୍ତମାନ ନିରାପଦରେ ପାଠ ପଢୁଛନ୍ତି ।

**ଉଠା ଜଳସେଚନ ବ୍ୟବସ୍ଥା –** ଚରିମାଳିପୁଟ ଓ ଡମ୍ବଗୁଡା ପାଖାପାଖି ଦୁଇ ପଡୋଶୀ ଗାଁ । ଏହାର ମଧ୍ୟ ଭାଗରେ ଏକ ଉଠା ଜଳସେଚନ ବ୍ୟବସ୍ଥା ପାଇଁ ସରକାରୀ ଉଦ୍ୟମରେ କିଛି କାମ ଆରମ୍ଭ ହୋଇ ପଡିରହିଥିଲା । ଧିରେ ଧିରେ ସରକାର ଏହି ଉଠା ଜଳସେଚନ କାମଟିକୁ ଭୁଲିଗଲେ । ଲୋକମାନେ ଭାବିଲେ ଆଉ ଏ କାମ ହୋଇ ପାରିବ ନାହିଁ । ଏକଥା ସଙ୍ଗଠନ ପାଖରେ ପହଞ୍ଚିଗଲା । ଜନସାଥି କୃଷ୍ଣ ଖୀଲଙ୍କ ନେତୃତ୍ୱରେ ପଞ୍ଚାୟତ କମିଟିର ୧୫ ଜଣ ପ୍ରତିନଧି ଜୟପୁର ଆସି ବିଭାଗୀୟ ଯନ୍ତ୍ରୀଙ୍କୁ ସାକ୍ଷାତ ଅଲୋଚନାକରି ଏକ ଦାବୀ ପତ୍ର ଦେଲେ । ସଙ୍ଗଠନର ପ୍ରଭାବରେ ବିଭାଗୀୟ ଯନ୍ତ୍ରୀ ତୁରନ୍ତ କାର୍ଯ୍ୟଟିକୁ ଆରମ୍ଭ କରି ସମ୍ପୂର୍ଣ୍ଣ କଲେ । ଏବେ ଉଭୟ ଚରିମାଳିପୁଟ ଓ ଡମ୍ବଗୁଡା ବାସିନ୍ଦାଙ୍କ ଖୁସି କହିଲେ ନ ସରେ ।

**ଶତକଡା ୧୦୦ ପରିବାରକୁ ରାସନ କାର୍ଡ –** ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ କର୍ଯ୍ୟକାରି ହେଲା ପରେ ପିତାଗୁଡା ଗ୍ରାମ ପଞ୍ଚାୟତରେ ଯେପରି ସମସ୍ତ ଯୋଗ୍ୟ ହିତାଧିକାରୀ ନିଜ ନିଜର ରାସନ କାର୍ଡ ପାଇବେ

ଅବଶିଷ୍ଟାଂଶ ପୃଷ୍ଠା ୧୬ରେ......

# ଓଡିଶା ଶ୍ରମଜୀବୀ ମଞ୍ଚ (ଓ.ଶ୍ର.ମ.) ବିଷୟରେ ପଦେ .....

ଓଡିଶା ଶ୍ରମଜୀବୀ ମଞ୍ଚ (ଓ.ଶ୍ର.ମ.)ଏକ ରାଜ୍ୟ ସ୍ତରୀୟ ସଙ୍ଗଠନମାନଙ୍କ ସମୂହ । ଓଡିଶାର ୧୦ ଗୋଟି ପଛୁଆ ଜିଲ୍ଲା ଯଥା- ମାଲକାନଗିରି, କୋରାପୁଟ, ଗଜପତି, କନ୍ଧମାଳ, ବୌଦ୍ଧ, ନୟାଗଡ, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେଓଗଡ ଆଦି ଦଶଗୋଟି ଜିଲ୍ଲାରେ ୨୦୦୯ ମସିହାରୁ କାର୍ଯ୍ୟରତ । ଉପରୋକ୍ତ ଜିଲ୍ଲା ଗୁଡିକରେ ଏହାର ସଦସ୍ୟ ସଙ୍ଗଠନ ଗୁଡିକ ହେଲେ ଜୀବିକା ସୁରକ୍ଷା ମଞ୍ଚ କନ୍ଧମାଳ, ଆଦିମ ଅଧିବାସୀ ଏକତା ମଞ୍ଚ ବୌଦ୍ଧ, ସଂଗ୍ରାମ ସମିତି ଝାରସୁଗୁଡା ଓ ସୁନ୍ଦରଗଡ , ଲୋକମୁକ୍ତି ସଙ୍ଗଠନ ଝାରସୁଗୁଡା , ସମ୍ବଲପୁର , ଜନଶକ୍ତି ସଙ୍ଗଠନ ସମ୍ବଲପୁର , ଜୀବିକା ସୁରକ୍ଷା ମଞ୍ଚ ନୟାଗଡ, ଲୋକ ବିକାଶ ମଞ୍ଚ କୋରାପୁଟ, ଶ୍ରମଜୀବୀ ସଙ୍ଗଠନ ମାଲକାନାଗିରି , ଶ୍ରମଜୀବୀ ଏକତା ଅଭିଯାନ ଗଜପତି ,ଜନକଲ୍ୟାଣ ସଙ୍ଗଠନ ଦେଓଗଡ । ଓ.ଶ୍ର.ମ.ର ମୁଖ୍ୟ ଉଦ୍ଦେଶ୍ୟ ହେଲା ସ୍ୱାଭାବିକ ସାମାଜିକ ସୁଯୋଗରୁ ବଞ୍ଚିତ ସମାଜର ପଛୁଆ ବର୍ଗର ଲୋକମାନଙ୍କର ସମ୍ମାନସ୍ୱଦ ଜୀବିକା ନିର୍ବାହ ପାଇଁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଲୋକ ସଙ୍ଗଠନ ସ୍ଥାପନ । ଏହାର ଲକ୍ଷ ଲୋକ ସଙ୍ଗଠନ ସ୍ଥାପନ ଓ ଅନ୍ୟାନ୍ୟ ସମଭାବାପନ୍ନ ସଙ୍ଗଠନର ଏକତ୍ରୀକରଣ ସହ ଏକ ମଜଭୁତ/ଶକ୍ତିଶାଳୀ ସଙ୍ଗଠନ ଜରିଆରେ ଏକ ଦୃଢ ମତାଧିକାର ସାବ୍ୟସ୍ତ କରିବା ଓ ସ୍ୱାଭାବିକ ସାମାଜିକ ସୁଯୋଗରୁ ବଞ୍ଚିତ ଆଦିବାସୀ, ଦଳିତ, ମହିଳା ଓ ସମାଜର ଅନ୍ୟାନ୍ୟ ପଛୁଆ ବର୍ଗ ଲୋକମାନଙ୍କର ମୌଳିକ ଅଧିକାରକୁ ସୁନିଶ୍ଚିତ କରବା ସହ ସମସ୍ତ ସରକାରୀ ବ୍ୟବସ୍ଥାରେ ଥିବା ଅଧିକାର ପାଇବା ପାଇଁ ସୁଯୋଗ ସୃଷ୍ଟି କରିବା । ଏହି ଲକ୍ଷ ଓ ଉଦ୍ଦେଶ୍ୟ କୁ କର୍ଯ୍ୟକାରି କରିବା ପାଇଁ ଓଡିଶା ଶ୍ରମଜୀବୀ ମଞ୍ଚ (ଓ.ଶ୍ର.ମ.)ର ସମସ୍ତ ସଦସ୍ୟ ସଙ୍ଗଠନ ଓ ବ୍ୟକ୍ତି ବିଶେଷ ନିରବିଚ୍ଛିନ୍ନ ଭାବେ ଉଦ୍ୟମ ଜାରି ରଖିଛନ୍ତି ।

ପୃଷ୍ଠା ୬ର ଅବଶିଷ୍ଟାଂଶ......

ନାହୁଁ । ମଣିଷ ମାରିନୁ । ଜେଲ କାହିଁକି ଯିବୁ ? ଆଉ ବୁଢୀ କାଲକୁ ତୁ ଜେଲ ଯିବୁ ?" ରମା ଜ୍ୱରରେ କମ୍ପୁଥିଲା । ଝୁରିଆର କଥା ଶୁଣି ପଞ୍ଚାୟତକୁ ଯାଇ ଚାଉଳ ଆଉ କାର୍ଡ ଫେରାଇ ଦେଇ ବାଟ ଯାକ ବସି ବସି ବଡ କଷ୍ଟରେ ଘରକୁ ଫେରିଲା । ଡାଳଟେ ପାଣି ପିଇ ଦେଇ ମୁଣ୍ଡରେ ହାତ ଦେଇ ବସି ପଡି ଗୁଣୁଗୁଣୁ ହୋଇ କହୁଥିଲା ସର୍ବସ୍ୱ ସାରି ଟିଣ ଛପର ଘର କରିବା ଭୁଲ ହେଲାକି ? ଭଲ ଘରେ ଗରିବ ଲୋକ ରହିବା ମନା କି ? ଗାଁ ସାହୁକାର କଣ ଆମଠୁ ଗରିବ କି ? ତାକୁ ଯଦି କାର୍ଡ ମିଳିଲା, ତେବେ ଆମ କଥା ଏମିତି କାହିଁକି ? ଆମର ଦୋଷ କୋଉଠି ? ଧୀରେ ଧୀରେ ରମାର ପାଟି ଆଉ ଶୁଭିଲାନି । ଝୁରିଆ ପାଟି ଖୋଲି କିଛି କହିବାକୁ ଚେଷ୍ଟା କଲା । ହେଲେ ତା' କଥା ଶୁଣିବା ଆଗରୁ ବୁଢୀ ଦେହରୁ ଜୀବନ ଛାଡି ଯାଇଥିଲା । ସେହି ଦିନଠାରୁ ଝୁରିଆ ତା' ଟିଣ ଘରକୁ ଦେଖି ଦେଖି ତା'ର ହଜିଲା ଅତୀତକୁ ଝୁରୁଛି ଯେ ଝୁରୁଛି ।

**"ଓଡିଶା ଶ୍ରମଜୀବୀ ମଞ୍ଚ"**


ପୃଷ୍ଠା ୧୫ର ଅବଶିଷ୍ଟାଂଶ......

ସେ ଦିଗରେ ସଙ୍ଗଠନ ଯୋରଜାର ପ୍ରୟାସ ଜାରି ରଖିଥିଲା । ଗ୍ରାମ ପଞ୍ଚାୟତ କମିଟି ଏ ସଂକ୍ରାନ୍ତରେ ସ୍ଥାନୀୟ ବି.ଡି.ଓଙ୍କ ସହିତ ନିରନ୍ତର ଯୋଗାଯାଗରେ ଥିଲେ । ଫଳରେ ପୁରା ପଞ୍ଚାୟତର ସମସ୍ତ ଯୋଗ୍ୟ ବ୍ୟକ୍ତି ରାସନ କାର୍ଡ ପାଇବାରେ ସଫଳ ହେଲେ ।

ଫୁଲ ଫୁଟି ବାସିଲା ପରି ଏବେ ପିତାଗୁଡା ପଞ୍ଚାୟତ କମିଟିର ପ୍ରଭାବ ଅନ୍ୟ କମିଟି ମାନଙ୍କୁ ଆଗକୁ ନେବାରେ ସାହଯ୍ୟ କରିଛି । ଲୋକଙ୍କର ବିଶ୍ୱାସ ମଧ୍ୟ ବଢିଛି ।ସେଥିପାଇଁ ସମସ୍ତେ କୁହାକୁହି ହେଉଛନ୍ତି ପିତାଗୁଡା ଜିନ୍ଦାବାଦ ।

ଲୋକ ବିକାଶ ମଞ୍ଚ, କୋରାପୁଟ

## ଶ୍ରଦ୍ଧାଞ୍ଜଳି



**୰ ରାଧାକାନ୍ତ ଦାସ**

ତିରୋଧାନ - ତା ୧୬.୨.୨୦୧୬

**ରାଧା ଭାଇ ।**

ଆପଣଙ୍କ ଅବର୍ତ୍ତମାନ ବିଶ୍ୱାସ କରି ହେଉନି । ସବୁ ସ୍ତରରେ ପ୍ରତ୍ୟେକ ମୁହୂର୍ତ୍ତରେ ଆପଣଙ୍କ ଉପସ୍ଥିତି ଆମେ ଅନୁଭବ କରୁଛୁ । ସମୂହ ବିକାଶ , ଶ୍ରମଜୀବୀ ସଙ୍ଗଠନ ଏବଂ ଓଡିଶା ଶ୍ରମଜୀବୀ ମଞ୍ଚ ଆପଣଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଈଶ୍ୱରଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।

ଶ୍ରଦ୍ଧାଞ୍ଜଳି ସହ

(ଓଡିଶା ଶ୍ରମଜୀବୀ ମଞ୍ଚ ଓ ସଦସ୍ୟ ସଙ୍ଗଠନର ସମସ୍ତ ସଦସ୍ୟ ସଦସ୍ୟା ।)

**ନିରାପଦ ପାଣି ଆମ ଅଧିକାର, ସରକାର ତୁମେ କର ବିଚାର ।**